Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୩୯
Volum. - 21 ■ Issue No.- 39
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୨୨ ଅଗଷ୍ଟ - ୨୮ ଅଗଷ୍ଟ ୨୦୨୧ / 22 Aug - 28 Aug 2021 / Odia Weekly / 8 Pages / Rs.2/- only

## ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ





ବଲାଙ୍ଗିର, (ନିପ୍ର) : ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘର ଉପସଭାପତି ଶ୍ୟାମ ସୁନ୍ଦର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ନକଲି ଆଦିବାସୀମାନଙ୍କ ଜାଲଜାତି ପ୍ରମାଣପତ୍ର ରଦ୍ଦ କରିବାରେ ଓଡିଶା ସରକାର ସୁପ୍ରିମକୋର୍ଟ ଆଦେଶକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟାନୁଷ୍ଠାନ କରୁନାହାନ୍ତି, କୁଳି ମେହେର ମାମଲାରେ ଓଡିଶା ସରକାର ରିଭ୍ୟୁ ପିଟିସନ ଦାୟର କରୁନାହାନ୍ତି । ଚାକିରିରୁ ବହିଷ୍କୃତ ହୋଇଥିବା ଜାଲଜାତି ପ୍ରମାଣପତ୍ର ଧାରୀ ସରକାରୀ କର୍ମଚାରୀମାନଙ୍କ ଓଡିଶା ହାଇକୋର୍ଟରେ ଥିବା ଷ୍ଟେ ଅର୍ଡର ଭେକେଟ୍ କରୁନାହାନ୍ତି, ଅଣ ଆଦିବାସୀମାନଙ୍କ କବଜାରେ ଥିବା ଆଦିବାସୀ ଜମି ଫେରସ୍ତ କରିବାରେ ଜିଲ୍ଲାପାଳଙ୍କ ଅବହେଳା, ଆଦିବାସୀ ଜମି ହସ୍ତାନ୍ତର ବନ୍ଦ କରିବା, ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ୨୦୦୬ ଅନୁସାରେ ଜଙ୍ଗଲ ଜମି ଚାଷବାସ କରୁଥିବା ଆଦିବାସୀ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମିର ବ୍ୟକ୍ତିଗତ ଅଧିକାର ପଟ୍ଟା ଏବଂ ଗୋଷ୍ଠୀଗତ ଅଧିକାର ପଟ୍ଟା ପ୍ରଦାନ, ମେଡିକାଲ, ଇଞ୍ଜିନିୟରିଂ, ପ୍ରୋଫେସନାଲ ଭଳି ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦିବାସୀମାନଙ୍କ ପାଇଁ ଶତକଡା ୨୨ରୁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ପ୍ରଚଳିତ ଅନ୍ ଲାଇନ୍ ଶିକ୍ଷା ପଦ୍ଧତିରେ ଅଧ୍ୟୟନ ପାଇଁ ଗରିବ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କୁ ମାଗଣା ସ୍ମାର୍ଟ ମୋବାଇଲ ଫୋନ ପ୍ରଦାନ, କରୋନା କଟକଣା ସମୟରେ ଗରିବ ଆଦିବାସୀମାନଙ୍କୁ ପରିବାର ପିଛା ୧୦ ହଜାର ଟଙ୍କା ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ ପ୍ରଦାନ, କଲେଜରେ ଏଡ୍‌ମିସନ ଫିଜ ସମ୍ପୂର୍ଣ୍ଣ ଛାଡ କରିବା, ବଲାଙ୍ଗିର ନୂଆପଡା ଭାୟା ଚୁଡାପାଲି ପାଟଣାଗଡ, ଖପ୍ରାଖୋଲ, ଲଖନା ରେଳ ଲାଇନ ନିର୍ମାଣ, ଏଟ୍ରୋସିଟି କେସରେ ଅପରାଧୀମାନଙ୍କୁ ଗିରଫ କରିବା, ଆଦିବାସୀ ମିର୍ଦ୍ଧା ସମାଜର ଛାତ୍ରଛାତ୍ରୀମାନଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ, କଲେଜରେ ସିଟ ବୃଦ୍ଧି, ଦାବୀରେ ବଲାଙ୍ଗିର ଠାରେ ବିଶାଳ ଆଦିବାସୀ ବକ୍ଷୋଭ ଶୋଭାଯାତ୍ରା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘର ମହାସଚିବ ନିରଞ୍ଜନ ବିଶି, ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ଭୋଇ, ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ସନ୍ତୋଷ ପୁଟା, ବସନ୍ତ ମାଝି, ବିପ୍ର ବିଶି, ବଳଦେବ ଭୋଇ, ଶରତ ଚନ୍ଦ୍ର ସିଂ ଭୋଇ, ଦୁଖିଶ୍ୟାମ ଭୋଇ, ଘିମାନନ୍ଦ ଭୋଇ, ଅଷ୍ଟରନ୍ ବରିହା, ନିମାଇଁ ଝାଙ୍କର, ବନଲତା ମାଝି, ସଂପାଦକ ସାରଥି ବାଗ, ଟିକେଶ୍ୱର ଧରୁଆ, ପ୍ରଫୁଲ୍ଲ ପ୍ରଧାନୀ, ଅଚ୍ୟୁତ ଧରୁଆ, ମଧୁ ବିଶ୍ୱାଲ, ବିଜୟ କାଲସାଏ, ରାଜିବ କୁଅଁର, ଆଦିବାସୀ ନେତା ଦଶରଥ ଛତ୍ରିଆ, ନିରଞ୍ଜନ ମାଝି, ନିତ୍ୟାନନ୍ଦ ମାଝି, ପୁରୁଷୋତ୍ତମ ଧରୁଆ, ଘନ ଭୁଏ, ରାମଚନ୍ଦ୍ର ଧରୁଆ, ଭୁବନେଶ୍ୱର ଧରୁଆ, ହେମେନ୍ଦ୍ରନାଥ ହାଂସଦା, ଘାସିରାମ ମାଝି, ମମତା କୁମୁରା, ବିକ୍ରମ ଭୋଇ, ଚୁମନ ଧରୁଆ, ଥବିର ପୁଝାରୀ, ଭୁବନ ମାଝି, ପତରଙ୍ଗି ମାଝି, ଜଗନ୍ନାଥ ମାଝି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କଂଟାବାଂଜିରେ କେନ୍ଦ୍ର ରେଳ ମନ୍ତ୍ରୀ : କହିଲେ, ଦୀର୍ଘ ଦିନର ଜନସାଧାରଣଙ୍କ ଦାବୀ ଇସ୍ପାତ ଏକ୍ସପ୍ରେସ ଟ୍ରେନର ସଂପ୍ରସାରଣ ପାଇଁ ପ୍ରୟାସ ଜାରି ରଖିବି

କଂଟାବାଂଜି, (ନିପ୍ର) : କେନ୍ଦ୍ରର ମୋଦୀ ସରକାରଙ୍କ ଜନ ଆଶୀର୍ବାଦ ଯାତ୍ରାରେ ରବିବାର ପ୍ରାୟ ଅପରାହ୍ନ ୨ ଘଂଟା ସମୟରେ କଂଟାବାଂଜି ସହରର ଉପକଣ୍ଠସ୍ଥ ଶ୍ରୀ ଶ୍ରୀ ଶ୍ୟାମ ମଂଦିର ନିକଟରେ ପହଂଚିଥିଲେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ମନ୍ଦିର ଦର୍ଶନ ପରେ ସହର ଅଭିମୁଖେ ଗମନ କରିବା ମଧ୍ୟରେ ହେମାଲ ଭବନ ନିକଟରେ ହେମାଲ ସଂଘ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହା ପରେ ସ୍ଥାନୀୟ ଇଂଦିରା ଛକ ନିକଟରେ ଏକ ଜନ ଆଶୀର୍ବାଦ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ।






ଏହି ସଭାରେ ବଲାଙ୍ଗିର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ ନିଜ ଅଭିଭାଷଣରେ କଂଟାବାଂଜିର ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରତିଶୃତି ଦେବା ସହ ଗତ ୨୦୦୯ ନିର୍ବାଚନରେ ଅଂଚଳର ଦାବୀ ଇସ୍ପାତ ଏକ୍ସପ୍ରେସ ସଂପ୍ରସାରଣ ନ ହେବାରୁ ନିର୍ବାଚନ ପରାଜିତ ହେବାକୁ ପଡିଥିବା ନିଜେ କହିଥିଲେ । ଏପରିକି ବର୍ତମାନ କଂଟାବାଂଜିର ବିକାଶ ପାଇଁ ସେ ଚେଷ୍ଟିତ । କଂଟାବାଂଜିର ଅବ୍ୟବହୃତ ରେଳ ଜମି ଉପରେ ଯେ କୌଣସି ଏକ କାରଖାନା ନିର୍ମାଣ କରିବା, କଂଟାବାଂଜି, ଟିଟିଲାଗଡ, ବଲାଙ୍ଗିରକୁ ମୋଡେଲ ଷ୍ଟେସନ ନିର୍ମାଣ ସହ ଇସ୍ପାତ ଏକ୍ସପ୍ରେସକୁ କଂଟାବାଂଜି ଯାଏ ସଂପ୍ରସାରଣ ପାଇଁ କେନ୍ଦ୍ର ସରକାରଙ୍କଠାରେ ଉପସ୍ଥାପନ କରିବା ପ୍ରତିଶୃତି ଦେଇଥିଲେ । ଏପରିକି ଦ୍ୱିତୀୟ ରେଳ ଅଣ୍ଡର ବ୍ରିଜ ନିଶ୍ଚିତ ଭାବରେ କରାଯିବ ବୋଲି କହିଛନ୍ତି । ସେହିପରି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ କଂଟାବାଂଜି ମାଟି ଅନେକ ସମ୍ମାନ ଦେଇଛି ତାହା ଭୁଲି ପାରିବେ ନାହିଁ । ରେଳ ମନ୍ତ୍ରୀ ହେବା ପରଠାରୁ ସାଂସଦ ଶ୍ରୀମତୀ ସିଂହଦେଓ କଂଟାବାଂଜିର ଦାବୀଗୁଡିକ ଉପସ୍ଥାପନ କରିଛନ୍ତି । ତେଣୁ ନିଶ୍ଚିତ ଭାବେ ଦାବୀଗୁଡିକ ପୂରଣ କରିବା ପାଇଁ ପ୍ରୟାସ କରିବି ବୋଲି ପ୍ରତିଶୃତି ଦେଇଛନ୍ତି । ମୋର କଲମରେ ନିଶ୍ଚିତ ଭାବେ କୌଣସି ପ୍ରୋଜେକ୍ଟ ଡେରି ହେବ ନାହିଁ, ବିକାଶ ନିଶ୍ଚୟ ହେବ ସେଥିପାଇଁ ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ । ଜନ ସାଧାରଣଙ୍କ ଜନ ଆଶୀର୍ବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପାଟଣାଗଡ ବିଧାୟକ ତଥା ବିଜେପିର ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, ଜିଲ୍ଲା ଭାଜପା ସଭାପତି ଶିବାଜି ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ଲକ୍ଷ୍ମଣ ବାଗ, ନଗର ସଭାପତି ବେଦବ୍ୟାସ ନାଗ ସହ ଘାସିରାମ ଜୈନ ମଂଚରେ ମଂଚାସୀନ ଥିଲେ । ଏହା ପରେ ସ୍ଥାନୀୟ ଆଲିଶାନ ହୋଟେଲରେ ସହରର ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ ସହ ଅଂଚଳର ସମସ୍ୟା ବିଷୟରେ ଆଲୋଚନା ହେବାର ଥିଲା, କିନ୍ତୁ ବିଳମ୍ବ କାରଣରୁ ହୋଇ ନ ପାରି କେବଳ ସଂଗଠନ ଗୁଡିକର ଦାବୀପତ୍ର ମାନେ ଗ୍ରହଣ କରି ବିକାଶରେ ପ୍ରୟାସ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏପରିକି ପୂର୍ବତନ ବିଧାୟକ ଆୟୁବ ଖାନ କଂଟାବାଂଜି ଓ କୋରାପୁଟରେ ନୂତନ ରେଳ ଡିଭିଜନ ସ୍ଥାପନ, ୱାଲଟିୟରକୁ ନୂତନ ଯୋନ ପ୍ରତିଷ୍ଠା, ର୍ୟାମ୍ପ ଫୁଟ ଓଭର ବ୍ରିଜ, କ୍ୟାରେଜ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ବରଗଡ-ନୂଆପଡା ଭାୟା ପଦ୍ମପୁର-ବିଜେପୁର ନୂତନ ରେଳ ଲାଇନ ପାଇଁ ଦାବୀପତ୍ର ପ୍ରଦାନ



ପଦ୍ମପୁର, (ନପ୍ର) : ବରଗଡ ଜିଲ୍ଲାରେ ରେଳ ସେବା ରହିଛି ସତ, କିନ୍ତୁ ଜିଲ୍ଲାର ବରଗଡ ଓ ବରପାଲିକୁ ଛାଡିଦେଲେ ଅନ୍ୟ କୌଣସି ଜାଗାରେ ରେଳ ସେବା ନାହିଁ । ବରଗଡ-ନୂଆପଡା ଭାୟା ପଦ୍ମପୁର-ବିଜେପୁର ଏକ ନୂତନ ରେଳ ଲାଇନ ପାଇଁ ବିଗତ ଦିନରେ ଦାବୀ ହେବା ସହ ବିଭିନ୍ନ ସମୟରେ ସାଂସଦଙ୍କ ଜରିଆରେ ହେଉ ଅବା ସିଧାସଳଖ ଭାବରେ ମାନ୍ୟବର ରେଳ ମନ୍ତ୍ରୀଙ୍କୁ ଲିଖିତ ଭାବେ ଦାବୀ ଜଣାଯାଇଛି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ରେଳ ଲାଇନ ସର୍ଭେ କାମ ପର୍ଯ୍ୟନ୍ତ ଆଗେଇ ପାରିଛି । ସତେ ଯେମିତିକା ରେଳ ଯାତ୍ରା କରିବା ପଦ୍ମପୁର ଉପଖଣ୍ଡବାସୀଙ୍କ ପାଇଁ ସ୍ୱପ୍ନ ସଦୃଶ । କେନ୍ଦ୍ରମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣରେ ମାନ୍ୟବର ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ପଦ୍ମପୁର ଉପଖଣ୍ଡ ଜନସାଧାରଣ ମଧ୍ୟରେ ଉଲ୍ଲାସ ଖେଳି ଯାଇଥିଲା, କାହିଁକି ନା ଯେହେତୁ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ରାଜ୍ୟ ସଭାରୁ ପ୍ରତିନିଧିତ୍ୱ କରି ରେଳ ମନ୍ତ୍ରଣାଳୟ ଦାୟିତ୍ୱ ପାଇଥିବାରୁ ଓଡିଶା ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ଆଶା ରହିଥିବା କିମ୍ବା ନୂତନ ରେଳ ଲାଇନ ଅନୁମୋଦନ କରିବେ ବୋଲି ପଦ୍ମପୁର ଉପଖଣ୍ଡବାସୀଙ୍କ ବିଶ୍ୱାସ । ତେବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡିଶା ଗସ୍ତ ଜାରି ରହିଛି ଏହି ସମୟରେ ଭବାନୀପାଟଣା ଠାରେ ରେଲୱେ ଜଏଣ୍ଟ ଏକସନ୍ କମିଟି ପଦ୍ମପୁରର ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟି ବରଗଡ-ନୂଆପଡା ନୂତନ ରେଳ ଲାଇନ ଭାୟା ବିଜେପୁର ଓ ପଦ୍ମପୁର ପାଇଁ ଦାବୀପତ୍ର ଦେଇଛନ୍ତି । ଏହି ସମୟରେ ଆଇନଜୀବୀ ଅଜିତ ଶତପଥି, ଗୌନ୍ତିଆ ସାହୁ, ଗୋବିନ୍ଦ ଅଗ୍ରୱାଲ, ବିନୋଦ କାଲିଆ, ପ୍ରେମସାଗର ଫୌଜଦାର, ରାଜକିଶୋର ସାହୁ, ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

ବଲାଙ୍ଗିର, (ନିପ୍ର) : ଅକଳ୍ପନୀୟ ସାହିତ୍ୟର ସ୍ରଷ୍ଟା ଥିଲେ ସ୍ୱଭାବ କବି ଗଙ୍ଗାଧର ଜୀବନ ଓ ଜଗତକୁ ଏକ ନୂତନ ଦୃଷ୍ଟିଭଙ୍ଗୀ ନେଇ ସେ ସାହିତ୍ୟ ସର୍ଜନା କରି ସବୁ ସମୟର ମଣିଷକୁ ମାର୍ଗଦର୍ଶନ ଦେଇ ଆସିଛନ୍ତି ବୋଲି ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ତଥା ସାମ୍ବାଦିକ ସନ୍ଦିପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି ଓ ମୁଖ୍ୟ ବକ୍ତା ଭାବରେ



ବିଶିଷ୍ଟ କବି ଭାଗିରଥି ମିଶ୍ର ଯୋଗଦେଇ ମହାନ କବିଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ କାଳଜୟୀ ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କୋଶଳ କଳାମଣ୍ଡଳର ମୁଖପତ୍ର 'ଚତୁରଙ୍ଗ'ର ଦ୍ୱିତୀୟ ସଂଖ୍ୟାକୁ ମଂଚାସୀନ ଅତିଥି ମାନେ ଲୋକାର୍ପିତ କରିଥିଲେ । ଚତୁରଙ୍ଗର ଲୋକାର୍ପଣ ପରେ ପ୍ରଫେସର ମଧୁସୂଦନ ପତି ସାଂପ୍ରତିକ ସାହିତ୍ୟ ଓ ଗଙ୍ଗାଧରଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ବେହେରା, ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ସମେତ ବହୁ ବକ୍ତା ମେହେର ସାହିତ୍ୟ ଉପରେ ନିଜନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ଆରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିରାମିଷ ବ୍ୟକ୍ତିତ୍ୱ : ଏକ ଅନ୍ତଃଦୃଷ୍ଟି

ସେ ସମୟର ଏକ ବଳିଷ୍ଠ ରଚନା

ଶରଦିନ୍ଦୁ ଭୂଷଣ ହୋତା

ସାଂପ୍ରତିକ ସମୟରେ ମଣିଷର ଆଚରଣ ବହୁଳାଂଶରେ ଚାତୁର୍ଯ୍ୟ ଚାଳିତ । ସାଧାରଣ ନିତିଦିନିଆ କାର୍ଯ୍ୟକ୍ରମଠୁ ଆରମ୍ଭ କରି ଜାତୀୟ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ମଣିଷର କାର-କାରବାରକୁ ଲକ୍ଷ୍ୟ କଲେ, ଜଣେ ଏଇ ସିଦ୍ଧାନ୍ତରେ ଉପନୀତ ହେବାକୁ ବାଧ୍ୟ । ପ୍ରତ୍ୟେକ କାମରେ ମଣିଷ ବର୍ତ୍ତମାନ ସଫଳତା ପାଇଁ ବ୍ୟସ୍ତ । ଯେଉଁ କାମଟି ପାଇଁ ସଫଳତା ପ୍ରାପ୍ତି ଆଶାରେ ସେ ଉଠିପଡ଼ି ଲାଗିଛି, ତହିଁର ସାର୍ଥକତା- ଅସାର୍ଥକତା, ପ୍ରାସଙ୍ଗିକତା- ଅପ୍ରାସଙ୍ଗିକତା ଇତ୍ୟାଦି ପ୍ରସଙ୍ଗକୁ ବିଚାରୀ ଦେଖିବା ପାଇଁ ଆଉ ଧୈର୍ଯ୍ୟ ନାହିଁ । ଯେକୌଣସି ମତେ ସଫଳତା ଦରକାର । ମଣିଷ ବର୍ତ୍ତମାନ ଏଇ ମାନସିକତାରେ ସଂପୂର୍ଣ୍ଣ ଆକ୍ରାନ୍ତ ।

କାମଟି ଯାହା ଯେମିତି ବି ହୋଇଥାଉ, ସଫଳତା ହାସଲ୍ କରି ପାରୁଥିବା ବ୍ୟକ୍ତି ବା ରାଷ୍ଟ୍ର ବର୍ତ୍ତମାନ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଆଦର୍ଶ । ତାକୁ Role Model ବୋଲି ଗ୍ରହଣ କରିନେଇ ଅନ୍ୟମାନେ ମଧ୍ୟ ତା' ଭଳି ହେବାକୁ ଚାହୁଁଛନ୍ତି । ସେଭଳି ହୋଇପାରିବାର ଉଚ୍ଚାଟନରେ ନିଜର ସବୁକିଛିକୁ ତାହାରି ଛାଂଚରେ ପକେଇ ପାରିଲେ ଓହୋଭାଗ୍ୟ ମଣୁଛନ୍ତି । ଉପରୁ ତଳ ପର୍ଯ୍ୟନ୍ତ ଏଇ ପ୍ରବଣତାର ପ୍ରକୋପ ବଢ଼ି ବଢ଼ି ଚାଲିଛି । ଯେକୌଣସି ମତେ ସଫଳତା ହାସଲ ପାଇଁ ଯେଉଁ ଫନ୍ଦି ଫିକର ସବୁ କରାଯାଉଛି, ତାକୁ ବଡ଼ ଶୋଭନୀୟ ଶୈଳୀରେ Strategy ବା କୌଶଳ ବୋଲି କୁହାଯାଉଛି । ସଫଳତା ପାଇବାରେ କୌଶଳଟି କାମ ଦେଲେ ହିଁ ହେଲା- ସେ ଦେଉଳ ତୋଳି କି ହେଉ ଅବା ବାଟରେ ହଗି କରି ହେଉ, ତହିଁରେ କିଛି ଯାଏ ଆସେ ନାହିଁ । ଲକ୍ଷ୍ୟ ହାସଲ ହିଁ ବଡ଼କଥା- ମାଧ୍ୟମ ଯାହା ଯେଭଳି ବି ହୋଇଥାଉ ।

ଉପରେ ମାନନ୍ତୁ ବା ନ ମାନନ୍ତୁ ସବୁ ରାଷ୍ଟ୍ର ଏବେ ଆମେରିକାର ସଫଳତାକୁ ହାଁ କରି ଅନେଇଛନ୍ତି । ଆମେରିକା ଯାହା ଚାହୁଁଛି ତାକୁ ଛଳେ ବଳେ କୌଶଳେ ହାସଲ୍ କରି ପକାଉଛି । ସେଭଳି କରି ପାରୁଥିବାରୁ ଅନ୍ୟମାନଙ୍କ ପାଖରେ ସେ ତା'ର ବଡ଼ଭାଇ ପଣ ଜାହିର୍ କରୁଛି । ନିଜ ସ୍ୱାର୍ଥର ଗରଜରେ ଯାହାକୁ ଚାହୁଁଛି ମାରୁଛି ଓ ଯାହାକୁ ଚାହୁଁଛି ତାରୁଛି । କେହି ଅଟକାଇ ପାରୁନାହାନ୍ତି ବା ଆକଟ କରି ପାରୁନାହାନ୍ତି । ତା'ର କାରନାମା ଚଳେଇ ରଖିବା ପାଇଁ ଆମେରିକା ଏବେ ନାନା ପ୍ରକାରର କୌଶଳ କରୁଛି । ସବୁ କାମରେ ଆଇଁଷିଆ ନ୍ୟସ୍ତ ସ୍ୱାର୍ଥରେ ଗୋଟାପଣେ ବୁଡ଼ି ରହିଥିଲେ ବି ବିଶ୍ୱର ଜନଗଣଙ୍କ ପାଖରେ ଆପଣାକୁ ତ୍ରାଣକର୍ତ୍ତା ବୋଲି ସାବ୍ୟସ୍ତ କରାଇବା ପାଇଁ ତଦନୁପାତିକ ଭାଷା ଖଂଜି ପ୍ରଚାର ମାଧ୍ୟମ ଗୁଡ଼ିକ ସାହାଯ୍ୟରେ ମୁକ୍ତିକାମୀ ମଣିଷଙ୍କ ମନର କ୍ଷୋଭକୁ ଆୟତ୍ତ କରି ପକାଉଛି । ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିଜର ଔପନିବେଶିକ ଓ ଅର୍ଥନୈତିକ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଆନ୍ତର୍ଜାତିକ ସହାବସ୍ଥାନ ଓ ରାଷ୍ଟ୍ରମାନଙ୍କ ସାର୍ବଭୌମତ୍ୱ ଉପରେ ବି ହସ୍ତକ୍ଷେପ କରିବାର ଔଦ୍ଧତ୍ୟରେ ପ୍ରମତ୍ତ ହୋଇ ରହିଛି । ଅନ୍ତର୍ନିହିତ ଉଦ୍ଦେଶ୍ୟର ଚଟୁଟି ନ୍ୟସ୍ତସ୍ୱାର୍ଥର ଆଇଁଷ ହାଣ୍ଡିରେ ବୁଡ଼େଇ ରଖିଥିଲେ ବି ବାକ୍ ଚାତୁରୀରେ ପ୍ରଦର୍ଶନର ବେଣ୍ଟଟିକୁ ଗୋଟାପଣେ ନିରାମିଷ ରଖିଥିବାର ଛଳ କରୁଛି । ଜନରୋଷକୁ ଖାସୁ କରି ରଖିବା ପାଇଁ ଆମେରିକା ଆପଣେଇଥିବା ଷ୍ଟ୍ରାଟେଜି ଏବେ ବହୁ ଗଭୀରକୁ ଗଲାଣି । କେବଳ ରାଜନୈତିକ ବା ଅର୍ଥନୈତିକ ଭାବରେ ନୁହେଁ ଆମେରିକା ବର୍ତ୍ତମାନ ଲାଗିପଡ଼ିଛି ପୃଥିବୀର ଅଧିକରୁ ଅଧିକ ଜନସମଷ୍ଟିକୁ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାଗତ ଭାବରେ ଆପଣା ଫାନ୍ଦରେ ପକାଇବା ପାଇଁ । ତା'ର ସଫଳତା ପ୍ରଦର୍ଶନର ମୋହରେ ପଡ଼ି ଅନ୍ୟ ରାଷ୍ଟ୍ରର ଜନସମଷ୍ଟି ମଧ୍ୟ ସଂପୂର୍ଣ୍ଣ ଅନୁକରଣ ପ୍ରିୟ ହୋଇ ପଡ଼ିଥିବାର ପ୍ରମାଣ ବଢ଼ି ବଢ଼ି ଚାଲିଛି । ସମଗ୍ର ବିଶ୍ୱ ଆବୋରି ଏବେ ଆମେରିକା ପ୍ରଯୋଜିତ ଶିକ୍ଷା, ସଂସ୍କୃତି ଓ ସାମାଜିକ ଚାଲ୍ ଚଲଣି ପରିବର୍ତ୍ତିତ ହୋଇ ଚାଲିଛି । ପ୍ରତ୍ୟେକେ ତାହାରି ନିର୍ଦ୍ଦେଶନାରେ ଆପଣାର ସବୁକିଛିକୁ ବଦଳାଇ ଚାଲିଛନ୍ତି ।



ଆମ ଦେଶ ଭାରତ ବି ଆମେରିକାର ପାଲରେ ପଡ଼ିଛି । ଦେଶର ରାଜନୀତି ଓ ଅର୍ଥନୀତି ତା'ରି ବୋଲି ମାନି ଚଳୁଛି । ତାହାରି ଫିସାଦରେ ଫସି ଦେଶରେ ଅର୍ଥନୈତିକ ସଂସ୍କାର ନାମରେ ଗ୍ରହଣ କରାଯାଇଥିବାର ବ୍ୟବସ୍ଥା ଏତେବେଳକୁ ଘାତକ ବୋଲି ପ୍ରମାଣିତ ହୋଇ ସାରିଲାଣି । ତାହାରି ପ୍ରଭାବରେ ସଂପୂର୍ଣ୍ଣ ଏକ ଉପଭୋକ୍ତାବାଦୀ ମାନସିକତାରେ ସମାଜ ତା'ର ନିଜତ୍ୱ ହରାଇ ସାରିଛି । ସାମାଜିକ ଜୀବନର ଭାରସାମ୍ୟ ଦୋହଲି ଯାଇଛି । ତା'ର ଅର୍ଥନୈତିକ ସାଂସ୍କୃତିକ ଜାଲରେ ପଡ଼ିବା ପରେ ତହିଁରୁ ମୁକୁଳିବା ସମ୍ଭବ ହୋଇ ପାରୁନି । ସମସ୍ତଙ୍କୁ ଅର୍ଥନୈତିକ ଦାସତ୍ୱ ଓ ସାଂସ୍କୃତିକ ପରାଭବତାର ଜାଲରେ ପକାଇବା ପରେ ସେମାନଙ୍କୁ ନେଇ ଔପନିବେଶିକ ସ୍ୱାର୍ଥ ପୂରଣ ପାଇଁ କାମରେ ଲଗାଇବା ତା' ପାଇଁ ସହଜ ହେଉଛି । ଆମେରିକା ସହ ଭାରତର ଅର୍ଥନୈତିକ ଓ କୂଟନୈତିକ ସଂପର୍କକୁ ଟିକେ ତଳେଇ ଦେଖିଲେ ଏ କଥାର ସତ୍ୟତା ଜଣାପଡ଼ିଯିବ । ଭାରତ ହେଉଛି ଭାରତ । ତା'ର ନିଜତ୍ୱ ରକ୍ଷା କରି ଚଳିବା ପାଇଁ ଗୋଟିଏ ଶୁଭଙ୍କର ପ୍ରେରଣାରେ ଚାହିଁଲେ ମଧ୍ୟ ସବଳ ଭାବରେ ଆପଣାକୁ ଜାହିର୍ କରାଯାଇ ପାରୁନାହିଁ । ଭାରତୀୟ ରାଜନୈତିକ ନେତୃତ୍ୱର ଏବେ ଧ୍ୱଜଭଂଗ ଅବସ୍ଥା । କୌଣସି ବି ପ୍ରସଙ୍ଗରେ ମାର୍କିନ୍ ଥୋପ ନ ଗିଳିବାକୁ ହଲପ୍ କରି ଦୃଢ଼ ଭାବେ ଛିଡ଼ା ହୋଇପାରିବାର ପ୍ରତିସ୍ପର୍ଦ୍ଧା ତା' ଭିତରେ ସଂପୂର୍ଣ୍ଣ ଅନୁପସ୍ଥିତ ।

ଆମେରିକାର ସଂପୂର୍ଣ୍ଣ କ୍ରିୟା କଳାପ ଛଳନା ଆଶ୍ରିତ ଓ କପଟ ଚାତୁରୀ ପରିପୂର୍ଣ୍ଣ । ତା' ଚାହାଳିର ବାଧ୍ୟ ଚାଟ ବୋଲାଇ ଏତେବେଳକୁ ଭାରତର ଆଚରଣରେ ମଧ୍ୟ ସେଇ ଉପସର୍ଗ ଦେଖିବାକୁ ମିଳୁଛି । ଅବନତି ମୂଳକ ଅପପ୍ରଚାରକୁ ମାଧ୍ୟମ କରି ଆମେରିକା ଚଳୁଛି । ଏବେ ଭାରତୀୟ ରାଜନୈତିକ ନେତୃତ୍ୱ ମଧ୍ୟ ସେଇ କୌଶଳକୁ ଧରି ଚାଲୁଛି । ବାହାପିଆ ହଟଚମଟ (Hetoric) ସୃଷ୍ଟିର ପ୍ରଦର୍ଶନ ମାର୍କିନ୍ ରାଜନୈତିକ ଆଚରଣର ସ୍ୱଭାବ ଲକ୍ଷଣ । ଏବେ ଭାରତୀୟ ରାଜନୈତିକ ଆଚରଣରେ ମଧ୍ୟ ତା'ର ପ୍ରତିଫଳନ ଦେଖିବାକୁ ମିଳୁଛି । ଭାରତୀୟ ନେତାମାନେ ମଧ୍ୟ ମାର୍କିନ୍ ଷ୍ଟାଇଲ୍‌ରେ ଜନଗଣଙ୍କୁ ଭୁଆଁ ବୁଲାଉଛନ୍ତି ।

ଆମେରିକାର ଛଳ ଆଚରଣ ସଂପର୍କରେ କିଛି ବିଚାର କରାଯାଉ । ତାହାରି ପ୍ରଭାବରେ ଭାରତ କିମିତି ଏକ ଅମେରୁଦଣ୍ଡୀ ପ୍ରାଣୀ ରୂପେ କ୍ରମଶଃ ପରିଚିତ ହେଉଛି, ତାର ସୂଚନା ମିଳିଯିବ । ମାର୍କିନ୍ ରାଷ୍ଟ୍ରପତି ଓବାମା ସାହେବ ଯେତେବେଳେ ଭାରତ ଆସିଲେ ତାଙ୍କ ଗସ୍ତର ଅନ୍ତର୍ନିହିତ ଉଦ୍ଦେଶ୍ୟ ଭିନ୍ନ ପ୍ରକାରର ଥିଲା । ନିଜର ସମସ୍ତ ଅପକର୍ମର ସପକ୍ଷରେ ଭାରତୀୟ ସ୍ୱୀକୃତି ଲାଭ ପାଇଁ ତାକୁ ଛଳେ ବଳେ ବାଧ୍ୟ କରିବାକୁ ଏବଂ ନିଜ ଦେଶର ପଣ୍ୟ ବିକ୍ରି ପାଇଁ ଭାରତୀୟ ବଜାରକୁ ଉନ୍ମୁକ୍ତ ରଖିବାର ବ୍ୟବସ୍ଥା କରିବା ପାଇଁ ମୂଳତଃ ସେ ଭାରତ ଆସିଥିଲେ । ସେ ଏବଂ ଶ୍ରୀମତୀ ଓବାମା ହସି ଖେଳି କୁଦି ଭାରତୀୟ ଜନସାଧାରଣଙ୍କ ମନ ମୋହିଲେ ଏବଂ ସେଇ ନହସରେ ଭାରତୀୟ ନେତୃତ୍ୱ ପାଖରେ ଆପଣା ସ୍ୱାର୍ଥର ଅନୁକୂଳ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଅବତାରଣା କରି ଭାରତର ସମର୍ଥନ ଆଦାୟ କରିନେଲେ । ଭାରତୀୟ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପାଇଁ ଆମେରିକା ହେଉଛି ତାଙ୍କ ଚେତନାର ଲାଳନଭୂମି । ତେଣୁ ତାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ମାର୍କିନ୍ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ତାଙ୍କ ପାଇଁ ଓ ତାଙ୍କ ସରକାରଙ୍କ ପାଇଁ ଗହଗହ ମହମହ ହୋଇପାରିବାର ଏକ ଉତ୍ସବକାଳୀନ ଅବସର ରୂପେ ପରିଗଣିତ ହେଲା । ମନମୋହନଙ୍କ ଆୟୋଜନରେ ତୃପ୍ତ ହୋଇ ଓବାମା ସାହେବ ସେଦିନ ଭାରତୀୟ ପାର୍ଲାମେଣ୍ଟକୁ ଉଦ୍‌ବୋଧନ ଦେଇ କହିଲେ- "The close reletionship between the U.S. and India will be one of defining partnership of 21st century" ଓବାମା ସାହେବଙ୍କ ଏହି ଭଦ୍ର ଉଦ୍‌ବୋଧନ ପଛରେ ଥିବା କଳା ଉଦ୍ଦେଶ୍ୟକୁ ଧରି ପାରିବା ପାଇଁ ଭାରତୀୟ ପାର୍ଲାମେଣ୍ଟର ସଦସ୍ୟମାନେ ମଧ୍ୟ ଅକ୍ଷମ ହେଲେ । ଓମାବାଙ୍କ କୌଶଳ ସେମାନଙ୍କୁ ବାଟବଣା କଲା । ଏକଦା ଦାର୍ଶନିକ ଆର୍କମେଡ଼ିସ ତାଙ୍କ ମନନଲବ୍ଧ ଏକ ଜ୍ୟାମିତିକ ସୂତ୍ର ପାଇବା ପରେ ଗାଧୁଆ ଘରୁ ଲଂଗଳା ହୋଇ ଉଚ୍ଚାଟନରେ ଧାଇଁଥିଲେ ପାଇଛି.. ପାଇଛି ବୋଲି ଚିତ୍କାର କରି । ଭାରତ ପାଇଁ ଓବାମାଙ୍କ ଅନୁମୋଦନ ପ୍ରାପ୍ତ ହେବା ପରେ ଭାରତୀୟ ସାଂସଦମାନେ ମଧ୍ୟ ଆତ୍ମହରା ହୋଇ ଦଳମତ ନିର୍ବିଶେଷରେ ମିଳିଛି... ମିଳିଛି ଭାବି ଜୟଧ୍ୱନୀ ଓ କରତାଳି ଧ୍ୱନୀରେ ସାଂସଦ କଂପାଇଥିଲେ ।

ଓବାମା ସାହେବ ଭାରତୀୟ ରାଜନୈତିକ ପ୍ରାଣୀମାନଙ୍କ ଚରିତ୍ର ବୁଝିଗଲେ । ତାଙ୍କ ଛଳ ଓ କୌଶଳରେ ଭାରତୀୟ ରାଜନୈତିକ ମାନସ ତ' ସଂପୂର୍ଣ୍ଣ ବତୁରି ଯାଇଥିଲା । ଗାନ୍ଧୀ ଐତିହ୍ୟ ଓ ରବୀନ୍ଦ୍ର ମହତ୍ତ୍ୱ କଥା ବଖାଣି ସେ ନେତାମାନଙ୍କ ନମନୀୟ ଚେତନାକୁ ଆଉ ଟିକେ ଚକଟା ଚକଟି କରି ଭୂମିପାଗ କରିନେଲେ । 'ଘରେ ଆସିଛି ପ୍ରାଣର ରାଜା' ବୋଲି ଭାବି ଭାରତୀୟ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ମନମୋହନ ସଂପୂର୍ଣ୍ଣ ପ୍ରଣୟମୁଗ୍ଧ ହେବା ଭଳି ବିଗଳିତ ସ୍ୱରରେ କହି ପକାଇଲେ- "The people of India love you deeply." ଦଳମତ ନିର୍ବିଶେଷରେ ଭାରତୀୟ ପାର୍ଲାମେଣ୍ଟ ସଦସ୍ୟମାନଙ୍କଠାରୁ ମିଳୁଥିବା ଆମନ୍ତ୍ରଣୀ ଆପ୍ୟାୟନ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରେମମୁଗ୍ଧ ବିଗଳିତ ଉଚ୍ଚାରଣ କୂଟନୀତିରେ ପୋଖତ ଓବାମାଙ୍କୁ ଆଉ ଟିକେ କାମ ପରଶ ପାଇବା ଭଳି ପୁଲକିତ କରିଦେଲା । 'ନଇ ପଡ଼ିଥିବ ଯେବେ, ବିଧାଏ ମାରିବୁ ତେବେ' ନ୍ୟାୟରେ ଗଭୀର ଭାବେ ଭଲ ପାଉଥିବା Defining Partner ଭାରତ ଉଦ୍ଦେଶ୍ୟରେ ପ୍ରେମାଳାପ କରିବା ଶୈଳୀରେ ସେ ତାଙ୍କ ଅନ୍ତର ଉତ୍ସାରିତ ଘାତକ ସର୍ତ୍ତ ସବୁ ଉଚ୍ଚାରିଲେ । କହିଲେ –

(କ) ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ସଦସ୍ୟ ହେବା ପାଇଁ ଭାରତ ଯଦି ମନରେ ସାଧ ରଖିଛି, ତେବେ ସେଥିପାଇଁ ତାକୁ ଆମେରିକା ବୋଲ ମାନି ଚଳିବାକୁ ପଡ଼ିବ । "To earn a seat at the high table New Delhi would have to toe Washington's line on key global issues" ।

(ଖ) ଆମେରିକାର ସ୍ୱାର୍ଥ ଖାତିରରେ ଭାରତକୁ ଇରାନ ସହିତ ଅର୍ଥନୈତିକ ଚୁକ୍ତି ବାତିଲ୍ କରିବାକୁ ପଡ଼ିବ । ଆମେରିକା ସହିତ ଭାରତର ଉଦ୍‌ଘୋଷିତ ସହଯୋଗିତା (Defining Partnership) ପ୍ରଘଟ ହେବାପରେ ତା' ସହିତ ଅପଡ଼ ହୋଇ ରହିଥିବା କୌଣସି ବି ରାଷ୍ଟ୍ର ସହିତ ଭାରତ ପୁଣି ଲସରପସର ହେବା ଅବାଂଛନୀୟ ।

(ଗ) ପୂର୍ବ ଏସିଆରେ ଆମେରିକା ଗଢ଼ିଥିବା ଚୀନ ବିରୋଧୀ ମଂଚରେ ଭାରତ ପ୍ରକାଶ୍ୟରେ ଯୋଗ ଦେଇ ଚୀନ ବିରୋଧୀ ଅଭିଯାନରେ ସକ୍ରିୟ ହେବାକୁ ହେବ । ଚୀନ ବିରୋଧୀ ଅଭିଯାନର ଗତିପଥ ସୂଚନା ଦେଇ କହିଲେ- "Under the guise of protecting freedom of navigation, the U.S. wants to maintain its military hegimony in the Asia - Pacific Region." ।

(ଘ) ସଦ୍ୟଲବ୍ଧ ପ୍ରେମିକାକୁ ପ୍ରେମିକ ପ୍ରବୋଦିତ କଲା ଭଳି ଭାରତ ଆନୁଗତ୍ୟରେ ସଂପୂର୍ଣ୍ଣ ପ୍ରୀତ ଓବାମା ସାହେବ ପୁଣି ଘୋଷଣା କଲେ – "The super power's latest attempt in this regard has been to promote India as the regional counter weight to China." ।

(ଙ) ଆଣବିକ ଚୁକ୍ତି ବିଷୟରେ ମଧ୍ୟ ଭାବ ଦିଆନିଆ କିଛି ପ୍ରଣୟ ଇସାରା ଦେଲେ । କହିଲେ – ଭାରତକୁ ଆଣବିକ ଅସ୍ତ୍ର ଯୋଗାଣ ଗ୍ରୁପ୍ (Nuclear Suppliers Group)ର ସଦସ୍ୟ ହେବାକୁ ପଡ଼ିବ । ଅଣୁଅସ୍ତ୍ର ବିରୋଧୀ ଅଭିଯାନରେ ସାମିଲ୍ ହେବା ଚଳିବ ନାହିଁ । କାରଣ ତା' ଦ୍ୱାରା ଭାରତର ଉଦ୍‌ଘୋଷିତ ପ୍ରେମିକ ଆମେରିକାର ଅଣୁଅସ୍ତ୍ର ବିକିବା ସ୍ୱାର୍ଥରେ ବାଧା ଆସିବ ।

(ଚ) ପାକିସ୍ଥାନ ସହିତ ଅପଡ଼ ହୋଇ କଥାବାର୍ତ୍ତା ବନ୍ଦ ବୋଲି କହିଲେ ଚଳିବ ନାହିଁ । ଯେହେତୁ ପାକିସ୍ଥାନ ଆମେରିକାର ଅଳିଅଳ ଦୁଲାଳ ବା blue eyed boy । ଆମେରିକା ସ୍ୱାର୍ଥରେ ପାକିସ୍ଥାନ ସହ ବୁଝାମଣା କରି ଚଳିବାକୁ ପଡ଼ିବ । ପାକିସ୍ଥାନ ଯାହା ଗଣ୍ଡଗୋଳ କରୁଛି, ତାକୁ ଆମେରିକା ବୁଝାଇ ଦେବ । ଦେଶରକ୍ଷା ନାଁରେ ଗେଲ୍‌ହା ପୁଅ ସହିତ ଭାରତ ଗଣ୍ଡଗୋଳ କରିବା ଆମେରିକା ଚାହେଁନାହିଁ । ତେଣୁ ଯାହାହେଲେ ବି କ୍ଷୟକ୍ଷତି ସଂଭାଳି ଆମେରିକା ସ୍ୱାର୍ଥରେ ଚୁପ୍ ରହିବାକୁ ହେବ ।

ଭାରତ-ଆମେରିକା କଳଙ୍କିତ ପ୍ରଣୟ କାହାଣୀରୁ ଏମିତି କେତେ କଥାର ଖିଅ ଖୋଜି ଗପିବା ? ଆପଣା ସୁନା ତ' ଭେଣ୍ଡି । କାହାକୁ କହିବା ! ୧୨୦ କୋଟି ଲୋକଙ୍କ ପ୍ରଧାନମନ୍ତ୍ରୀ ନାଁକୁ ସିନା ସର୍ଦ୍ଦାର ! ହୀନବଳିଆ ମୁରବୀ ଆପଣା ଘରର ଚାରି ସାହାଣ ମେଲା ଛାଡ଼ିଥିବା ବେଳେ ବାହାରୁ କିଏ ଆସି କ'ଣ ଝାଂପି ନେଲା ବୋଲି ରୋଦନ କଲେ ଶୁଣିବାକୁ କିଏ ଅଛି ? ତେବେ ଯାହାସବୁ ଘଟିଘଟି ଯାଉଛି ତାକୁ ଦେଖି ହିତବାଣୀଟିଏ ମନେ ପଡ଼ି ଯାଉଛି । ସେଇଟି ହେଲା – ''ଭାରତବର୍ଷର ମୂଲ୍ୟବୋଧ ଏବଂ ତା'ର ମନିଷୀମାନଙ୍କର ଯୁଗ ଯୁଗର ସ୍ୱପ୍ନ, ସାଧନା ଓ ସଂକଳ୍ପର ସ୍ୱର ଆଜି ପ୍ରକୃତରେ ବିଡ଼ମ୍ବିତ । ଆମ ଚେତନାର ଦିଗ୍‌ବଳୟରେ ଆଜି ତଥାପି ପର ଝାଡୁଛି, ସେହି ବିଦାୟୀ ବୈଦେଶିକତାର ବାଜପକ୍ଷୀ । ଆମର ଏ ସ୍ୱାଧୀନତା ତେଣୁ, ମୁକ୍ତିର ମୁଖାଟାଏ ମାତ୍ର... ଏକ ନିରର୍ଥକ ଔପଚାରିକତାର ନିସଂଗ ଇସ୍ତାହାର... ଏକ ମରିଚିକା ।''(ମୁକ୍ତିର ମରିଚିକା – ମଧୁସୂଦନ ପତି)

ପାଠକେ ! ବାଣୀଟିର ଉଦ୍‌ବୋଧନରେ ଅନେକ କଥା ମନକୁ ଆସି ଘାଣ୍ଟି ଗୋଳେଇ ପକାଉଛି । ହେଲେ ତୁମ ଆମ ଭଳି ମାମୁଲି ମଣିଷ ଯେତେ ରବେଇ ଖବେଇ ହେଲେ କ'ଣ ହେବ ? ଠିକଣା ବେଳକୁ ସର୍ଦ୍ଦାରଜୀ ବୁଝିଲେ ସିନା ! ଦେଶର ମଙ୍ଗ ଧରିଥିବା ସର୍ଦ୍ଦାରଜୀମାନଙ୍କର ବୋଧ ବିଭ୍ରାଟ ଘଟିଲେ ଦେଶର ଅବସ୍ଥା ମୁର୍ଦ୍ଦାରବତ୍ ହେବା ନିୟତି ନିର୍ଦ୍ଧାରିତ । ଦିନ ଆସିବ ଆମେରିକାର 'ତାମସିକ ଉଚ୍ଛିଷ୍ଟ' ଆମ ପାଇଁ 'ପ୍ରସାଦ ବାସ୍ନା'ରେ ମହକିବ ।

ମୋବାଇଲ୍ – ୯୯୩୭୭୪୦୬୭୬

## ସଂପାଦକୀୟ

### ସାମ୍ବାଦିକ ସୁରକ୍ଷା ଏବେ ବିରାଟ ପ୍ରଶ୍ନ

ସାମ୍ବାଦିକମାନଙ୍କ ସୁରକ୍ଷା ଦିଗ ଦିନକୁ ଦିନ ଦୁର୍ବଳ ହୋଇ ପଡୁଥିବା ବେଳେ ପ୍ରତ୍ୟହ ସାମ୍ବାଦିକମାନେ ବିଭିନ୍ନ ସ୍ଥାନରେ ଆକ୍ରମଣର ଶୀକାର ହେଉଥିବା ତଥା ଦୁର୍ବ୍ୟବହାରର ସାମ୍ନା କରୁଥିବା ଗଣମାଧ୍ୟମ ଗୁଡ଼ିକର ମୁଖମଣ୍ଡନ କରୁଛି । ଏଥିରୁ ଅନୁମାନ କରାଯାଉଛି ଯେ, ଦିନକୁ ଦିନ ସାମ୍ବାଦିକ ବୃତ୍ତି ବିପଦ୍‌ଜନକ ହେବାରେ ଲାଗିଛି । ଏଥିପ୍ରତି ସରକାର ଆନ୍ତରିକତାର ସହ ଚିନ୍ତା କରିବା ଏକାନ୍ତ ଆବଶ୍ୟକ । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦେଶର ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ ସମୟରେ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସାମ୍ବାଦିକଙ୍କ ସୁରକ୍ଷା ଦିଗ ପ୍ରତି ସରକାରଙ୍କ ବିଶେଷ ଦୃଷ୍ଟି ଆକର୍ଷଣ ହେଉ ନଥିବାରୁ ଦେଶରେ ସାମ୍ବାଦିକମାନଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି ।

ଏଠାରେ ସୂଚନାଯୋଗ୍ୟ ଯେ, ସମାଜରେ ବଢ଼ି ଚାଲିଛି ଅପରାଧ, ଦୁର୍ନୀତି । ଏଥିଯୋଗୁଁ ସାମ୍ବାଦିକମାନଙ୍କ ଦାୟିତ୍ୱ ବି ବଢ଼ିବାରେ ଲାଗିଛି । ସମାଜର ଅସଲ ଚିତ୍ରକୁ ଲୋକଲୋଚନକୁ ଆଣିବା ଦିଗରେ ସର୍ବଦା ସଂଘର୍ଷରତ ସାମ୍ବାଦିକ । ଏଭଳି ପରିସ୍ଥିତିରେ ଦୁର୍ନୀତିଖୋର୍ ଲୋକଙ୍କ ଚକ୍ଷୁଶୀଳ ହେଉଛନ୍ତି ସାମ୍ବାଦିକମାନେ, ଯାହା ଆଜିର ସମୟରେ ଆହୁରି ଜଟିଳ ହେବାରେ ଲାଗିଛି । ଚତୁର୍ଥ ସ୍ତମ୍ଭର ମାନ୍ୟତା ପାଇଥିବା ଗଣମାଧ୍ୟମ ପ୍ରତି ସରକାରଙ୍କ ଆନ୍ତରିକତାର ନିହାତି ଆବଶ୍ୟକତା ରହିଛି ।

ଆଜିର ସମାଜରେ ତଥାକଥିତ ମଣିଷମାନଙ୍କ ମଧ୍ୟରେ ଅର୍ଥ ଲାଳସା ବଢ଼ି ବଢ଼ି ଚାଲିଛି । ତା' ସାଙ୍ଗକୁ ବିଭିନ୍ନ ଦିଗରେ ଆକସ୍ମିକ ପ୍ରାପ୍ତିର ଆଶା ବୃଦ୍ଧି ପାଇବାରେ ଲାଗିଛି । ବିନା ପରିଶ୍ରମରେ କିଏ କିପରି ଶୀର୍ଷକୁ ଯାଇ ପାରିବ, ଅଦୃଶ୍ୟ ଭାବରେ ତାହାର ଏକ ପ୍ରତିଯୋଗିତା ମାନବ ସମାଜରେ ବଳବତ୍ତର ହେବାରେ ଲାଗିଛି । ଏଥିଯୋଗୁଁ ସମାଜରେ ଅନ୍ୟାୟ ଅତ୍ୟାଚାର ମଧ୍ୟ ବଢ଼ିବାରେ ଲାଗିଛି । ତେବେ ଏଭଳି ସମୟରେ ଜଣେ ସାମ୍ବାଦିକ ନିଜ ଜୀବନକୁ ବାଜି ଲଗାଇ ସାମ୍ବାଦିକତା କରିବାକୁ ବାଧ୍ୟ ହେଉଛି ଏବଂ ସମାଜର ସର୍ବାଙ୍ଗୀନ ମଙ୍ଗଳ ପାଇଁ ଆପ୍ରାଣ ଉଦ୍ୟମ କରୁଛି । ଏଣୁ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ଚତୁର୍ଥ ସ୍ତମ୍ଭର ସୈନିକ ସାମ୍ବାଦିକ ମାନଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ ।

## ପାଟଣାଗଡ ସାଂସ୍କୃତିକ ପରିଷଦ ତରଫରୁ ଗଂଗାଧର ମେହେର ଜୟନ୍ତୀ ପାଳିତ




ପାଟଣାଗଡ, (ନିପ୍ର) : ପାଟଣାଗଡ ଭାରତ ମାତା କ୍ଲବ୍ ଠାରେ ସାଂସ୍କୃତିକ ପରିଷଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶହେ ଅଣଷାଠିଏ ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି ।

ପାରମ୍ପରିକ ରୀତିରେ ସ୍ଥାନୀୟ ଗଂଗାଧର ମେହେର ପାର୍କ ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କବିତା ପାଠୋତ୍ସବରେ ଆଶିଷ କୁମାର ଚନ୍ଦନ ଅଧକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂପାଦକ ଦିଲ୍ଲୀପ କୁମାର ମିଶ୍ର ସଂଯୋଜନା କରିବା ସହିତ ଉପସ୍ଥିତ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାହିତ୍ୟ ଆସରରେ ଅତିଥି ଭାବେ ଅନ୍ତର୍ଯ୍ୟାମୀ ମେହେର ଏବଂ ସାଂସ୍କୃତିକ ପରିଷଦର ପୂର୍ବତନ ସଭାପତି ଲିଙ୍ଗରାଜ ଚନ୍ଦା ଓ ସୁଶ୍ରୀ ସଂଯୁକ୍ତା ପରିଛା ଯୋଗ ଦେଇଥିଲେ । ପରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ସୁଶ୍ରୀ ସଂଯୁକ୍ତା ପରିଛା ଓ ସନ୍ତୋଷ କୁମାର ଦାଶ ସଂଯୋଜନା କରିଥିଲେ । କବି ପ୍ରତିମା ମେହେର, ସଂଯୁକ୍ତା ଚନ୍ଦନ, ବିଶ୍ୱାସ ପଟ୍ଟନାୟକ, ରାନା ପ୍ରଧାନ ସମେତ ବହୁ କବି ଓ କବୟତ୍ରୀ ଯୋଗଦେଇ ଥିଲେ ।

## ପୃଥ୍ୱିରାଜ ଗୋଶାଳା ଠାରେ ଗୋ ମାତାମାନଙ୍କୁ କେଶରୀୟା ହିନ୍ଦୁ ବାହିନୀ ତରଫରୁ ରକ୍ଷା ବନ୍ଧନ ସହ ଖାଦ୍ୟ ବଣ୍ଟନ



ବଲାଙ୍ଗିର, (ନିପ୍ର) : ଆଜି ପବିତ୍ର ରକ୍ଷାବନ୍ଧନ ଅବସରରେ କେଶରୀୟା ହିନ୍ଦୁ ବାହିନୀ ତରଫରୁ ରାଜ୍ୟ ସଭାପତି ସନ୍ତୋଷ ଭୋଲଙ୍କ ନେତୃତ୍ୱରେ ସକାଳ ୧୦ଟାରେ ବଲାଙ୍ଗିର ସ୍ଥିତ ପୃଥ୍ୱିରାଜ ଗୋଶାଳା ଠାରେ ଗୋ ମାତାମାନଙ୍କୁ ରକ୍ଷାବନ୍ଧନ କରିବା ସହ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେଶରୀୟା ହିନ୍ଦୁ ବାହିନୀର ରାଜ୍ୟ କୋଷାଧ୍ୟକ୍ଷ ସୁଶିଲ ସାହୁ, ଜିଲ୍ଲା ବରିଷ୍ଠ ଉପାଧ୍ୟକ୍ଷ ଶଙ୍କର୍ଷଣ ଆଚାର୍ଯ୍ୟ, ଜିଲ୍ଲା ସଚିବ ହରେକୃଷ୍ଣ ବେହେରା, ପ୍ରଦୀପ ସାହୁ, ଦେବରାଜ ନାଗ, ଭାସ୍କର ରାଓ, ଅଂଶୁମାନ ପଟେଲ, ପ୍ରଶାନ୍ତ ମିଶ୍ର, ପିତାମ୍ବର ଷାଣ୍ଡ, ସୁରଜ୍, ବାକୁଲ୍, ରବୀନ୍ଦ୍ର ନାଏକ, ରାଜୁ ନାଏକ୍, ବୁଲୁ ପର୍ଡିଆ, ସିଦ୍ଧାର୍ଥ ବହିଦାର, ସୌଭାଗ୍ୟ ସ୍ୱାଇଁ, ସନତ୍ ପାତ୍ର, ଶମ୍ଭୁ ସୁନା ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଡାଙ୍ଗବାହାଲରେ ଝୁଲଣ ରଥଯାତ୍ରା ପାଳିତ



ଗାଇସିଲାଟ, (ନିପ୍ର) : ବରଗଡ ଜିଲ୍ଲା ଗାଇସିଲାଟ ବ୍ଲକର ଡାଙ୍ଗବାହାଲ ଗାଁରେ ୮୯ ତମ ଝୁଲଣ ରଥଯାତ୍ରା ସୀମିତ ଭକ୍ତ ମାନଙ୍କ ଦ୍ୱାରା କୋଭିଡ କଟକଣାକୁ ଆଖି ଆଗରେ ରଖି ପାଳିତ ହେଇଯାଇଛି । ତା୨୧/୮/୨୦୨୧ରୁ ତା୨୩/୮/୨୦୨୧ରିଖ ପର୍ଯ୍ୟନ୍ତ ତିନିଦିନ ଧରି ପ୍ରଭୁ ରାଧା କୃଷ୍ଣକୁ ନିକଟସ୍ଥ କୁଦୁଲା ଗ୍ରାମରୁ ଅଣାଯାଇ ରଥରେ ବସାଇ ରଥଟଣା ଯାଇଥିଲା । ଏହି ଯାତ୍ରାଟି ୧୯୩୩ ମସିହାରୁ ଆଜି ପର୍ଯ୍ୟନ୍ତ ପାଳିତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି ଯାତ୍ରାଟି ଆଖପାଖ ଗ୍ରାମରେ ହେଉ ନଥିବାରୁ ଅନ୍ୟବର୍ଷ ମାନଙ୍କରେ ପ୍ରବଳ ଜନସମାଗମ ହୋଇଥାଏ । ୨ବର୍ଷ ହେଲା କୋଭିଡ କଟକଣା ପାଇଁ ନିରାଡମ୍ବର ଭାବେ ପାଳିତ ହେଉଛି ।

## ସୁବର୍ଣ୍ଣପୁରରେ ସ୍ୱଭାବ କବି ଗଂଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ



ସୁବର୍ଣ୍ଣପୁର, (ନିପ୍ର) : ସ୍ୱଭାବ କବି ଗଂଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଉତ୍ସବ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ଓ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ମେହେର ଜୟନ୍ତୀରେ ସ୍ୱଭାବ କବି ଗଂଗାଧରଙ୍କ ସାରସ୍ୱତ ସାଧନା ସହ ସମଗ୍ର ସୃଜନରେ ଥିବା ପ୍ରକୃତି ପ୍ରେମ ଓ ସାଂଗୀତିକତା ଉପରେ ଆଲୋଚନା ହୋଇଥିଲା । ମହାନଦୀ ସାହିତ୍ୟ ସଂସଦର ମୁଖ୍ୟ ନାଟ୍ୟ ଗଦାଧର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ କବି ଗଂଗାଧରଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ । କବି ଡ.ମନୋଜ କୁମାର ପଣ୍ଡା ମୁଖ୍ୟବକ୍ତା, ସାହିତ୍ୟିକ ଡ.ଅଖିଳ ବିଶ୍ୱାଳ ସମ୍ମାନିତ ବକ୍ତା, ଡ. ପୁରୁଷୋତ୍ତମ ମିଶ୍ର, ଡ. ସୌରଭ ରଂଜନ ଖମାରୀ, ଡ.ଦେବାଶିଷ ପାଣ୍ଡିଆ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ମେହେର ସାହିତ୍ୟର ବିଭିନ୍ନ ବିଭବ ଓ ଦିଗ ଉପରେ ବିଶଦ ଆଲୋଚନା କରିଥିଲେ । ଏହି ଅବସରରେ କବି ଆର୍ତ୍ତତ୍ରାଣ ବାବୁଙ୍କ ରଚିତ ଓ ମହାନଦୀ ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ "ଋଷି ଗଂଗାଧର" ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । କବି, ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି କାଳଜୟୀ କବି ଗଂଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

## ପ୍ରକୃତି କବି ଗଂଗାଧର ମେହେରଙ୍କ ଜୟନ୍ତୀ ପାଳିତ



ମ.ରାମପୁର, (ନିପ୍ର) : କଳାହାଣ୍ଡିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗଯାତ୍ରୀ ସାହିତ୍ୟ ସଂସଦ ତରଫରୁ ପ୍ରକୃତିକବି ଗଂଗାଧର ମେହେରଙ୍କ ଜନ୍ମଜୟନ୍ତୀ ଉତ୍ସବ ଅବସରରେ କବି ଗଂଗାଧର ପ୍ରକୃତିରେ ପ୍ରାଣ ସଂଚାର କରିପାରିଥିଲେ, ତାଙ୍କରି କବିତା ସମୂହରେ ପ୍ରକୃତି ଭିତରେ ମାନବୀୟ ସମ୍ବେଦନା ଗୁଣ ଭରି ରହିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ସଭାପତି ପଦ୍ମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ହେମନ୍ତ ସାହୁ ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ସହିତ ମଂଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବରେ ସେବାଜଗତର ସଂପାଦକ ସତ୍ୟନାରାୟଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବରେ ପାଟଣାଗଡ ଅତିରିକ୍ତ ତହସିଲଦାର ଧୀରଜ କୁମାର ପାତ୍ର ଯୋଗ ଦେଇଥିବା ବେଳେ ଗଂଗାଧର ସାହିତ୍ୟ ଉପରେ ଆଲୋକପାତ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାକୁଡ, ହୃଦାନନ୍ଦ ସାହୁ ଏବଂ ଶିକ୍ଷକ ରମେଶଚନ୍ଦ୍ର ମିଶ୍ର । ଅଧ୍ୟାପିକା ଲିପ୍ସାମୟୀ ଦୁବେଙ୍କ ସଂଯୋଜନାରେ ବରିଷ୍ଠ କବି ଉଦୟ ନାଏକ, କୀର୍ତନ ଘିଭେଲା, ଗଣପତି ନାୟକ, ମାନସ ରଂଜନ ପ୍ରହରାଜ, ଅରୁଣ ପ୍ରଧାନୀ, ଜଳେଶ୍ୱର ହେର୍ଣ୍ଣା, ପୀତାମ୍ବର ଗଉଡ, ପ୍ରଶାନ୍ତ କୁମାର ଦାଶ, ମଧୁସୂଦନ ସିଂହ, ପ୍ରହଲ୍ଲାଦ ବିଶ୍ୱାଳ, ଦିବାକର ସାହୁ, ବିଶ୍ୱନାଥ ସାହୁ, ନରେଶ କୁମାର ସାହୁ ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ କୀର୍ତ୍ତନ ଘିଭେଲାଙ୍କ କବିତା ପୁସ୍ତକ ଭକ୍ତି ଅର୍ଘ୍ୟ ଅତିଥିମାନଙ୍କ ଦ୍ୱାରା ପାଠକାର୍ପଣ ହେଇଥିଲା । ପରମାନନ୍ଦ ବିଶି ଧନ୍ୟବାଦାର୍ପଣ କରିଥିଲେ ।

## ପାଟଣାଗଡରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଜନ ଆଶୀର୍ବାଦ ଯାତ୍ରା : ବିଭିନ୍ନ ସଂଗଠନ ପକ୍ଷରୁ ଦାବୀପତ୍ର ପ୍ରଦାନ



ପାଟଣାଗଡ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ କଣ୍ଟାବାଞ୍ଜିରୁ ପାଟଣାଗଡ ଦେଇ ବଲାଙ୍ଗିର ଯିବା ସମୟରେ ପାଟଣାଗଡ ଠାରେ ଏକ ରୋଡ ଶୋ କରାଯାଇଥିଲା । ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକଙ୍କ ସହ ବହୁ କର୍ମୀ ଗଙ୍ଗାସାଗର ଗ୍ରାମରେ ସ୍ୱାଗତ କରିଥିଲେ । ବାଇକ୍ ରାଲିରେ ରୋଡ ଶୋ କରି ମନ୍ତ୍ରୀଙ୍କୁ ସ୍ୱାଗତ କରି ପାଛୋଟି ଆଣିବା ପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଗଙ୍ଗାଧର ପାର୍କ ସ୍ଥିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ବିଜେପି ଯୁବ ସଭାପତି ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ପାଟଣାଗଡ ସିଟି ଜେରନ ଫୋରମ୍ ସଭାପତି ଦର୍ପଗଂଜନ ପଟ୍ଟନାୟକ, ନୂତନ ସିଟି ଜୋନ ଫୋରମ୍ ସଭାପତି ଘନଶ୍ୟାମ ମେହେର, ଜିଲ୍ଲା କୃଷକ ସଂଘର ସଭାପତି ଜୈୗତି ପ୍ରଧାନ, ପାଟଣାଗଡ ବଣିକ ସଂଘ ସଭାପତି ରାଜେଶ ମେହେରଙ୍କ ସମେତ ବହୁ ସଂଗଠନର ସଭାପତି ମନ୍ତ୍ରୀଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ । ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବୀରେ ଯୁଥ କୋଶଳ କୋର୍ଡିନେସନ୍ କମିଟି ପାଟଣାଗଡ ପକ୍ଷରୁ ମଧ ରାମପୁର ଠାରେ ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିବା ସହ ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାକୁ ଅନୁରୋଧ କରିଥିଲେ ।

## ରକ୍ଷା ବନ୍ଧନ ଓ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ



ବରଗଡ, (ନିପ୍ର) : ବରଗଡ ଚକରକେନ୍ଦ ଛକ ଠାରେ ଥିବା ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା, ବାନପ୍ରସ୍ଥ ଆନୁକୂଲ୍ୟରେ ଅନୁଷ୍ଠିତ ପବିତ୍ର ରକ୍ଷା ବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ ସୋହେଲା କଲେଜର ପୂର୍ବତନ ଅଧକ୍ଷ ଟେକ ଚାନ୍ଦ ଦୁଆନ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ । ସୁରେନ୍ଦ୍ର ମେହେର ସଭାପତି ସଂଯୁକ୍ତ ଯୁବ ସଂଗଠନ, ବରଗଡଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶ୍ରୀ ଦୁଆନ କବି ଗଙ୍ଗାଧରଙ୍କ ତପସ୍ୱିନୀ କାବ୍ୟ ଉପରେ ଆଲୋଚନା କରି ରକ୍ଷା ବନ୍ଧନ ଉତ୍ସବର ତାତ୍ପର୍ଯ୍ୟ ସମନ୍ଧରେ ଆଲୋକପାତ କରିଥିଲେ । ଅପରାହ୍ନ ଅଧିବେଶନରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଥମେ ଲବଙ୍ଗ ସାହୁ ପ୍ରାରମ୍ଭିକ ସଂଗୀତ ଗାନ ପରେ ଶ୍ରୀମତୀ ନୁରା ସାହୁ, ସତ୍ୟବତୀ ଜେନା, କୁଶ ପ୍ରଧାନ, ବନମାଳୀ ସାହୁ, ଦେବାନନ୍ଦ ପଧାନ, ଲଳିତ ବାରିକ ଯୋଗଦେଇ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଦେବଦତ୍ତ ତ୍ରିପାଠୀ ଉତ୍ସବକୁ ପରିଚାଳନା କରିଥିଲେ । ମାତୃଛାୟା କାଉନସିଲର ରଙ୍କିତା ଜୁଆଡି ଓ ମାତୃଛାୟା ଅନ୍ତେବାସିନୀ ମଥୁରା, ପୂର୍ଣ୍ଣା ଓ ଅନ୍ୟ ମାନେ ଆସିଥିବା ଅଥିତି ମାନଙ୍କୁ ରାକ୍ଷୀ ବାନ୍ଧି ଆଶୀର୍ବାଦ ଭିକ୍ଷା କରିଥିଲେ । ବାନପ୍ରସ୍ଥର ଅନ୍ତେବାସିନୀ ଜ୍ୟୋସ୍ନା, ପ୍ରମିଳା ଅତିଥି ସତ୍କାର କରିଥିବା ବେଳେ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମରେ ମାତୃଛାୟା ଓ ବାନପ୍ରସ୍ଥର ଅନ୍ତେବାସୀ ମାନେ ଯୋଗଦେଇ ଉତ୍ସବକୁ ଉପଭୋଗ କରିଥିଲେ । ସଂଯୁକ୍ତ ଯୁବ ସଙ୍ଗଠନର ଉପ ସଭାପତି ଉମେଶ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଜନ ଆଶୀର୍ବାଦ ଯାତ୍ରାରେ ଟିଟିଲାଗଡ ନାଗରିକ ମଞ୍ଚ ତରଫରୁ ଦାବୀପତ୍ର ପ୍ରଦାନ

ଟିଟିଲାଗଡ, (ନିପ୍ର) : ଟିଟିଲାଗଡ ହେଉଛି ଓଡିଶା ରାଜ୍ୟର ସର୍ବ ପୁରାତନ ରେଳ ଜଙ୍କସନ୍ ଯାହାକି ଛତିଶଗଡ, ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ରେଳ ଯୋଗେ ସଂଯୋଗ କରେ । କଳାହାଣ୍ଡି, ବଲାଙ୍ଗିର, ସୋନପୁର ଏବଂ ନୂଆପଡା ଜିଲ୍ଲାର ଲୋକମାନେ ଟିଟିଲାଗଡ ରେଳବାଇ ଜଙ୍କସନ ଉପରେ ନିର୍ଭରଶୀଳ । ଟ୍ରେନ୍ ଦ୍ୱାରା ବିଭିନ୍ନ ରାଜ୍ୟକୁ ଯାତ୍ରା ପାଇଁ ଏହା ହେଉଛି ଏକମାତ୍ର ଜଙ୍କସନ ଯାହା ବିଭିନ୍ନ ରାଜ୍ୟ ସହିତ ସଂଯୁକ୍ତ । ପ୍ରାୟ ୨୬ଟି ଏକ୍ସପ୍ରେସ ଏବଂ ଯାତ୍ରୀ ଟ୍ରେନ୍ ଏହି ଜଙ୍କସନ ଦେଇ ଚାଲୁଛି ଯାହା ଏହାକୁ ଓଡିଶା ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜଙ୍କସନ୍ ଭାବରେ ପରିଣତ କରୁଛି । ତଥାପି, ଯାତ୍ରୀମାନଙ୍କ ସୁବିଧା ପାଇଁ ଟିଟିଲାଗଡ ଜଙ୍କସନରେ ପର୍ଯ୍ୟାପ୍ତ ସୁବିଧା ନାହିଁ । ଏହି ଜଙ୍କସନ ମାଧ୍ୟମରେ ବିଭିନ୍ନ ରାଜ୍ୟ ଭ୍ରମଣ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀମାନେ । ତେଣୁ, ଟିଟିଲାଗଡ ରେଳ ଜଙ୍କସନର ଅପ-ଗ୍ରେଡେସନ୍ ଏବଂ ବିକାଶ ପାଇଁ ଏହି ଅଞ୍ଚଳର ୧୦ଟି ପ୍ରମୁଖ ଦାବୀଗୁଡିକୁ ରେଳ ମନ୍ତ୍ରୀଙ୍କୁ ଜଣାଇଛନ୍ତି ଟିଟିଲାଗଡ ନାଗରିକ ମଞ୍ଚ । ଟିଟିଲାଗଡ ନାଗରିକ ମଞ୍ଚ ତରଫରୁ ଦେଇଥିବା ଦାବୀପତ୍ରରେ ଥିବା ଦାବୀଗୁଡିକ ହେଉଛି ଦିବ୍ୟାଙ୍ଗ, ବୃଦ୍ଧ ଏବଂ ଅସୁସ୍ଥ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ପ୍ଲାଟଫର୍ମରେ ରାମ୍ପ ନିର୍ମାଣ କରାଯିବା ଉଚିତ କାରଣ ସେମାନେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ଟ୍ରେନ୍ ଧରିବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କୁ ରାତିରେ ସୁରକ୍ଷିତ ରହିବା ପାଇଁ ଯାତ୍ରୀମାନଙ୍କ ବିଶ୍ରାମ କରିବା ପାଇଁ ବିଶ୍ରାମ ଗୃହ ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ ଓ ଯାତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧା ଥିବା ଗୋଟିଏ ୱେଟିଂ ହଲ୍ ପ୍ରଦାନ କରାଯିବାକୁ ଦାବୀ କରିଛନ୍ତି ।

ଭୁବନେଶ୍ୱର-ବଲାଙ୍ଗିର ଇଣ୍ଟରସିଟି ଏକ୍ସପ୍ରେସ ଯାହାକି ରାୟଗଡା ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି ଏହାର କାର୍ଯ୍ୟ ପାଇଁ ଯଥାଶୀଘ୍ର ତ୍ୱରାନ୍ୱିତ କରିବା ଦାବୀ କରିଛନ୍ତି । ରେଳ ଷ୍ଟେସନରେ ଥିବା ଏକ ଫୁଡ୍ ପ୍ଲାଜା ଯାତ୍ରୀମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଇଆରସିଟିସି ଦ୍ୱାରା ହୋଟେଲ ଖୋଲିବା ପାଇଁ ମଧ ଦାବୀ କରିଛନ୍ତି । ଷ୍ଟେସନର ପ୍ଲାଟଫର୍ମ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଶେଡ୍ ଦ୍ୱାରା ଆଚ୍ଛାଦିତ ହୋଇପାରେ ଯାହା ଦ୍ୱାରା ଗ୍ରୀଷ୍ମ ସମୟରେ ଯାତ୍ରୀମାନଙ୍କୁ ସହାୟତା ଯୋଗାଇ ଦିଆଯାଏ କାରଣ ଟିଟିଲାଗଡ ସର୍ବଦା ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଦେଶରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରିଥାଏ । ଶୌଚାଳୟ ସୁବିଧା ସହିତ ଗୋଟିଏ ବିଶ୍ରାମ ସେଡ୍ ରିକ୍ସା ପିଲର୍, ଅଟୋ ଡ୍ରାଇଭର ଏବଂ ଶ୍ରମିକଙ୍କ ସୁବିଧା ନିମନ୍ତେ କରିବା ପାଇଁ ଦାବୀ କରିଥିବା ବେଳେ ମାନବ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସାଂଘାତିକ ଦୁର୍ଘଟଣାକୁ ଏଡାଇବା ପାଇଁ ଶିରଭଟାପଡା ଠାରେ ଥିବା ଏକ ମାର୍ଗ ବିଶିଷ୍ଟ ଭୂତଳ ପୋଲକୁ ଦୁଇଟି ମାର୍ଗରେ ରୂପାନ୍ତର କରାଯିବା ପାଇଁ ଦାବୀ କରିଛନ୍ତି । ସବୁଜିମାର ବିକାଶ ପାଇଁ ରେଳ ଜଙ୍କସନ ଚାରିପାଖରେ ଥିବା ମେଗା ବୃକ୍ଷ ରୋପଣ ପାଇଁ ପାଣ୍ଠି ଆବଣ୍ଟନ ମଞ୍ଜୁର କରିବାକୁ ନିବେଦନ କରିଛନ୍ତି ।



ଏହା ବ୍ୟତୀତ ଟିଟିଲାଗଡ ରେଳ ଜଙ୍କସନକୁ ଏକ ଆଦର୍ଶ ଷ୍ଟେସନ କରିବା ପାଇଁ ସମସ୍ତ ଆଧୁନିକ ଜ୍ଞାନ କୌଶଳ ସହିତ ରେଳ ଷ୍ଟେସନର ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ମଞ୍ଜୁର କରିବା । ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ କାର୍ଯ୍ୟ ଯଥା ଶୀଘ୍ର କାର୍ଯ୍ୟକ୍ଷମ ହେବା ପାଇଁ ତ୍ୱରାନ୍ୱିତ କରିବା ପାଇଁ ଦାବୀ କରିଛନ୍ତି ।

# ଜନ ଆଶୀର୍ବାଦ ଯାତ୍ରାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ : ମୁଁ ରାମ ସେତୁ ନିର୍ମାଣରେ ସହଯୋଗ କରିଥିବା ଗୁଣ୍ଡୁଚି ମୂଷା ସହିତ ସମାନ, କହିଲେ ଅଶ୍ୱିନୀ ବୈଷ୍ଣବ

ଟିଟିଲାଗଡ, (ନିପ୍ର) : କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ ବାହାରି ଆଜି ଟିଟିଲାଗଡରେ ପହଂଚିଛନ୍ତି । କୋରାପୁଟ, କଳାହାଣ୍ଡି ପରେ ଆଜି ବଲାଙ୍ଗିର ଜିଲ୍ଲାକୁ ଗସ୍ତ କରିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ । ଟିଟିଲାଗଡ ବ୍ଲକ ଲୁଥୁରବନ୍ଧରେ ବଲାଙ୍ଗିର ଜିଲ୍ଲାକୁ ପ୍ରବେଶ କରି ଜନ ଆଶୀର୍ବାଦ ଯାତ୍ରାରେ ସାମିଲ ହୋଇଥିବା କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଟିଟିଲାଗଡ ସହରରେ ପହଂଚିଛନ୍ତି । ଟିଟିଲାଗଡ ଭାଜପା ଓ ଯୁବ ମୋର୍ଚ୍ଚା, ଛାତ୍ର ସଂଗଠନ ମିଳିତ ଭାବେ ଆୟୋଜନ କରିଥିବା ରୋଡ ଶୋରେ ଅଂଶ ଗ୍ରହଣ କରି ଟିଟିଲାଗଡ ପୋଲିସ ଷ୍ଟେସନ ସମ୍ମୁଖରେ ପଥ ପ୍ରାନ୍ତ ସଭାରେ ସାମିଲ ହୋଇଥିଲେ ।



ଏହି ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରହିଥିବା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାତ ଗୋଟି ମୁଖ୍ୟ ବିଭାଗକୁ ଓଡିଶା ହାତରେ ନ୍ୟସ୍ତ କରି ଏହି ସ୍ୱତନ୍ତ୍ର ବିଚାରଧାରାକୁ ପ୍ରତିପାଦନ କରିଥିବା କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଓଡିଶାର ପଛୁଆ ଅଞ୍ଚଳ ତଥା ପଶ୍ଚିମାଞ୍ଚଳର କେବିକେ ଭାବରେ ଥିବା ଟିଟିଲାଗଡ ଅଞ୍ଚଳର ଲୋକଙ୍କ ସମସ୍ୟା ତଥା ଜୀବନ ଜୀବିକାକୁ ଅନୁଧ୍ୟାନ କରିବା ପାଇଁ ପଠାଇଥିବା କହିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ତେବେ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଏହି ଅବସରରେ ବିଭିନ୍ନ ସଂଗଠନ ମାନେ ସହରରେ ଦେଖା ଦେଉଥିବା ସମସ୍ୟା, ରେଳ ଷ୍ଟେସନରେ ଦେଖା ଦେଉଥିବା ସମସ୍ୟା ତଥା ପର୍ଯ୍ୟାପ୍ତ ପରିମାଣରେ ରେଳ ବିଭାଗର ଜମି ରହିଥିବାରୁ ଏକ ୱାଗନ କାରଖାନା ନିର୍ମାଣ, ଟିଟିଲାଗଡରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବା ଆଦି ଦାବୀ ନେଇ ଦାବୀପତ୍ର ମାନେ ଦେଇଥିଲେ । ବଲାଙ୍ଗିର ସାଂସଦ ସଂଗୀତା ସିଂହଦେଓ ମଧ ରେଳ ମନ୍ତ୍ରୀଙ୍କୁ ଟିଟିଲାଗଡ ରେଳ ଷ୍ଟେସନ, କଣ୍ଟାବାଞ୍ଜି ରେଳ ଷ୍ଟେସନର ଆଧୁନି କରଣ, ୱାଗନ ନିର୍ମାଣ ନେଇ ଦାବୀ ଉପସ୍ଥାପନ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅବସରରେ ବଲାଙ୍ଗିର ଖୋର୍ଦ୍ଧା ରେଳ ପଥ ପାଇଁ ସମସ୍ତ ପ୍ରକାର ଅର୍ଥ ବ୍ୟବସ୍ଥା କରିବା ସହ ଟିଟିଲାଗଡ ଅଞ୍ଚଳବାସୀଙ୍କ ଦାବୀ ପ୍ରତି ଆଗାମୀ ସମୟରେ ବିଚାର କରାଯାଇ ଅନୁଧ୍ୟାନ କରି ସମସ୍ତ ଦାବୀଗୁଡିକୁ ପୂରଣ କରିବାକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ । ଏହା ସହ ଅନେକ ଦାବୀ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଅନୁଧ୍ୟାନ କରାଯାଇ ମିଳିତ ଭାବେ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ନିଜ ପ୍ରତିକ୍ରିୟାରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ପରେ ଟିଟିଲାଗଡ ଡିଏଭି କଲେଜ ପରିସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଜନ ଆଶୀର୍ବାଦ ଯାତ୍ରାରେ ତାଙ୍କୁ ଅନେକ ସମର୍ଥନ ତଥା ଶୁଭେଚ୍ଛା ମିଳୁଥିବାରୁ ଧନ୍ୟବାଦ ଦେଇଛନ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଅନ୍ୟ ମାନଙ୍କ ମଧ୍ୟରେ ପାଟଣାଗଡ ପୂର୍ବ ବିଧାୟକ ତଥା ପୂର୍ବ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମୁକେଶ ଜୈନ, ମହେନ୍ଦ୍ର ଠାକୁର, ପ୍ରଶାନ୍ତ ଷଡଙ୍ଗୀ, ଆଲୋକ ନାୟକ, ସୁନ୍ଦର୍ ଲାଲ ଶର୍ମା, ଶିବାଜୀ ମହାନ୍ତି, ଲିଙ୍ଗରାଜ ନାୟକ ସମେତ ଭଜପାର ବହୁ ନେତା, ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ପାଇକମାଲ କୁଲତା ଯୁବ ସଂଗଠନ ତରଫରୁ ବନ୍ଧୁ ମିଳନ



ପଦ୍ମପୁର, (ନିପ୍ର) : ପାଇକମାଲ ରାମ ଚଣ୍ଡି ଯୁବ ସଂଗଠନ ତରଫରୁ ନୃସିଂହନାଥ ସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ରାମଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୁବ ସଂଗଠନ ଅସ୍ଥାୟୀ ସଭାପତି ବୁଲୁ ବାରିକ ସଭାପତିତ୍ୱ କରିଥିଲେ । ଉକ୍ତ ସଭାରେ ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ସଭାରେ ଯୋଗେନ୍ଦ୍ର ଭୋଇ, ନିତ୍ୟାନନ୍ଦ ପ୍ରଧାନ, ଦିବାକର ଗଡତିଆ, ଡୋଲାମଣି ବଢେଇ, ଚିତ୍ତରଞ୍ଜନ ପ୍ରଧାନ, କେଶବ ସାହୁ, ଗୋକୁଳ ପ୍ରଧାନ, ରାଜାରାମ ଭୋଇ, ମନ୍ଦିର ପୂଜକ ବିଜୟ ପ୍ରଧାନ, ତପୋଧନ ବଢେଇ, ରଂଜନ ପ୍ରଧାନ, ପୁଷ୍ପବାସ ପ୍ରଧାନ, ପଣ୍ଟୁ ଭୋଇ, ଅଶୋକ କୁମାର ପ୍ରଧାନ, ଟିକିଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କରମୁ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଳମନ୍ତ୍ରୀଙ୍କ ରୋଡ ସୋ କାର୍ଯ୍ୟକ୍ରମକୁ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିବା ଯୋଜନା ପୂର୍ବରୁ ପାଟଣାଗଡ କଂଗ୍ରେସ କର୍ମୀ ଅଟକ



ପାଟଣାଗଡ, (ନିପ୍ର) : ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଜନ ଆର୍ଶୀବାଦ କାର୍ଯ୍ୟକ୍ରମ ପାଇଁ କଣ୍ଟାବାଞ୍ଜିରୁ ପାଟଣାଗଡ ରାସ୍ତା ଦେଇ ବଲାଙ୍ଗିର ଯିବାର କାର୍ଯ୍ୟକ୍ରମ ରହିଥିଲା । ତେବେ ପାଟଣାଗଡରେ ମନ୍ତ୍ରୀଙ୍କ ରୋଡ ଶୋ କାଯ୍ୟକ୍ରମ ରହିଥିବା ନେଇ କଂଗ୍ରେସ କର୍ମୀମାନେ କଳା ପତାକା ଦେଖାଇ ବକ୍ଷୋଭ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରଖିଥିବା ବେଳେ କୌଣସି ସୁତ୍ରରୁ ପୋଲିସ ଖବର ପାଇ ରାମପୁର ଠାରୁ ପାଟଣାଗଡ ବ୍ଲକ କଂଗ୍ରେସ ସଭାପତି ନୀଳାଚଳ ପ୍ରଧାନ, ପିପିସି ସଭ୍ୟ ଅନୀଲ ମେହେର, ଯୁବ କଂଗ୍ରେସ ସଭାପତି ଚନ୍ଦନ ସାହୁ, ବେଣୁଧର ସାହୁ, ଅଶ୍ୱିନୀ କହ୍ନେର, ରିଙ୍କୁ ପୃଷ୍ଟି, ତରୁଣ ବନଛୋର ପ୍ରମୁଖଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି ।

# ବେଆଇନ ମଦ ବିକ୍ରି କରୁଥିବା ଭାଟିରେ ସଂଯୋଗ ହୋଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକ ମୃତ : କ୍ଷତିପୂରଣ ଓ ମଦ ବିକ୍ରି କରୁଥିବା ବେପାରୀଙ୍କୁ ଗିରଫ ଦାବୀରେ ରାସ୍ତାରୋକ

ପାଟଣାଗଡ, (ନିପ୍ର) : ପାଟଣାଗଡ ଉପଖଣ୍ଡ ଲରମ୍ଭା ଥାନା ଅନ୍ତର୍ଗତ ଜୁରିଆ ଗ୍ରାମର ଜଣେ ଯୁବକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଜୁରିଆ ଗ୍ରାମର ଗୋରଚନ୍ଦ୍ର ସେଠଙ୍କ ପୁଅ ଅବିନାଶ ସେଠ( ୧୯ ) ଗ୍ରାମର ବନମାଳୀ ଛକ ବାହାଲ ଭଟଲି ଗ୍ରାମ ଯିବା ରାସ୍ତାରେ ଥିବା ଦମାଇପାଲି ଗ୍ରାମର ଲିଙ୍ଗରାଜ ରଣାଙ୍କ ଆମ୍ବ ବଗିଚାରେ ଥିବା ବୋରୱେଲକୁ ଗାଧୋଇ ଯାଇଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି । ତେବେ କ୍ଷତିପୂରଣ ଦାବୀରେ ପାଟଣାଗଡରୁ ପଦ୍ମପୁର ରାସ୍ତା ଜୁରିଆ ବସଷ୍ଟାଣ୍ଡରେ ଶବ ରଖି ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଲିଙ୍ଗରାଜ ରଣା ଦୀର୍ଘ ଦିନ ଧରି ବେଆଇନ ଭାବେ ରନ୍ଧା ମଦ ବିକ୍ରି କାରବାର କରୁଥିବା ବେଳେ ଅଞ୍ଚଳର ଯୁବ ଗୋଷ୍ଠୀ ମଦ ପିଇବା ପ୍ରତି ଆକୃଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତରୁନ୍ତ ବେଆଇନ ମଦ ବିକ୍ରି କରୁଥିବା ବେପାରୀ ଲିଙ୍ଗରାଜ ରଣାଙ୍କୁ ଗିରଫ କରିବା ଓ ମୃତ ଅବିନାଶର ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଦାବୀରେ ଲୁହାସିଂହା ସରପଞ୍ଚ ରଞ୍ଜିତା ସୁନା ଓ ସମାଜସେବୀ ଲଳିତ ମୋହନ ସୁନାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି । ଲରମ୍ଭା ଥାନା ଅଧିକାରୀ ବାରୁଣୀ ଦାସ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଅଭିଯୁକ୍ତକୁ ଗିରଫ ଦାବୀରେ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଛନ୍ତି ।



# ଅଟୋ ଧକ୍କାରେ ବାଲିଗୁଡା ବ୍ଲକ ବିଜେଡି ସଭାପତି ଆହତ

ବାଲିଗୁଡା, (ନିପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଏନ୍ଏସି ଦଣ୍ଡପଦର ଠାରେ ଏକ ଅଟୋ ବାଲିଗୁଡାକୁ ଆସୁଥିବା ବେଳେ ବାଲିଗୁଡା ବ୍ଲକ ବିଜେଡି ସଭାପତି ଟୁନା ଦାସ ନିଜ ସ୍କୁଟିରେ ମହାସିଙ୍ଗି ଯାଉଥିବା ବେଳେ ବେପରୁଆ ଭାବେ ଅଟୋ ଚଳାଇ ଅଟୋଟି ଧକ୍କା ଦେବାରୁ ଟୁନା ଦାସ ତଳେ ପଡି ଆହତ ହୋଇଥିବା ଜଣାପଡିଛି । ଖବର ପାଇ ଘଟଣା ସ୍ଥଳରେ ବାଲିଗୁଡା ପୋଲିସ୍ ପହଞ୍ଚି ଅଟୋକୁ ଜବତ କରି ତଦନ୍ତ ଅବ୍ୟାହତ ରଖିଛି ।



# କର୍ପନର ସପନ୍



**ସଂଜୟ କୁମାର ମିଶ୍ର**

ଫିରି ଯ, ସାନଗଅଁତିଆ । ତମେ ଫିରି ଯ । ତମେ ଫିରି ଯ ।
ଚଁଡ଼ ଥରେଇକରି- ଗୁଲଗୁଲା ହଇକରି ସାନ ଗଅଁତିଆକେ କହୁଥାଏ ଜୟନ୍ତି । ସପନର ରଜାକେ ତା'ର, ମନର ସେନ୍‌ହୋ ଝର୍‌ଝରା ବଖରାକେ ତା'ର ଫିରଉଥାଏ ବଟୁ ।
ଗିତ୍ ବି ଗଉଥେଏ-

ଫିରିଯଅ ରଜାର ପୁଓ.....ଫିରିଯଅ
ରଜାର ପୁଓ
ତୁମର ଘର, ତୁମର ଘର
ତମର ନେ ନେଇଁନ ଆରୁ ମଅନ
ମୋର.....ମଅନ ମୋର !

କେତେ କଁଟା, ଝଁଟା ମାଡ଼ି, ଶିତ୍ ବଏଶାଖ ଖେଇ, ସଖିନେ ଚଟାନେ ଠେସିକୁଟି ହଇ ଦବଡ଼ି ଆଇଥିଲା ଗଅଁତିଆ ଘରି ସାନ ପିଲା, ତା'ର ମନର ମାନସି ଜୟନ୍ତି ନିକେ । ଜୟନ୍ତି ବଲୁଥାଏ, ଫିରି ଯ, ଫିରି ଯ ।

ସପନ୍‌କେ ସୁନାମାଲି କରି ପିଂଧିଥିଲା ଜୟନ୍ତି । ଅଏଲ୍‌ତା କରି ମାଖିଥିଲା-ରକତ୍‌କେ । କାଦୋକେ ବି ମାଖିଥିଲା ଦିହେ ଚନ୍ଦନ ବଲି । ଖୋବଭଲ ପଉଥିଲା । ଜୟନ୍ତି ପରାଭୁଏ, ଆମର ଗାଁର ଲୁହୁରା ଘରି ମଝିଆଁ ଟୁକେଲ ଖୋବ ଭଲ ପାଉଥିଲା ସାନଗଅଁତିଆ ଏକ ତାଁକର ଗାଁର ଏକା ।

ଗଅଁତିଆ ଘରର ସାନପିଲା, ସାନଗଅଁତିଆ ଦିବାକର କେତ୍‌କି ଗୁରା ଫର୍ ଫର୍ ଆଏ, ଡ଼େଙ୍ଗା ଆଏ, ଆଏଁଖ ଜୁଡ଼ାକ, ଘିଚି ଆନ୍‌ଲା ବାଗିର । ଜୟନ୍ତି ତ ଜଲ୍‌ଲା ଜୁଏ ଆଏ । କଲଜା ଭିତରେ ତା'ର ରଚି ଯେଇଥିଲା ପ୍ରେମ୍ ପିରତିର ଚନ୍ଦନ । ହଜି ଯଉଥିଲା, ନସି ଯଉଥିଲା, ସଂସାର ତା'ର ଭାଂଗି ଯଉଥିଲା । ବାଟେ ହଜି ଯେଇଥିଲା ତା'ର ମନ୍‌ର ନଏଦ୍, ବନାଲହଥି କିନ୍ଦିରି କିନ୍ଦିରି ଘୁସ୍‌ରି ଯଉଥିଲା ଆତ୍ମା ତା'ର ।

ସବୁ ଲୋକ ଦେଖୁଥିଲେ ତା'ର ଗୁଲ୍‌ଗୁଲା । ପରାପରା, ଗାଁ ଗାଁଥି ଲୁହୁ ବୁହି ଯଉଥିଲା ଲୁକର ଆଏଁଖ ଥୁ ଜୟନ୍ତିର ଦୁଖର କଥା ଚରଚା କରି କରି । ପଖନ, ଚଟାନ ମାନେ ବି ପିଘଲି ଯଉଥିଲେ । ଜୟନ୍ତିର ମନ ଭାଂଗି ଯେଇଥିଲା । ସରଗ ତାର ଖସ୍‌ରି ପଡ଼ିଥିଲା ଧର୍‌ତି ନେ । ଜୁଗିଜୁଗି କରି ଜୁଗିଜୁଗି କରି ଡ଼େନାମନେ ତା'ର ଛିଟକି ପଡ଼ିଥିଲେ ନ ତଲେ । ଖୋବ ଜଗଲା ବୁପ୍‌ରି । ଚାଳିଶ ବଛର ତକ ଜୁଗଲା । ତା'ର ମନର ମୁନୁଷକେ କେନ୍‌ନ ନେଇଁ ଖୁଜି ସେ, ସବୁନେ ଖୁଜିଛେ । ଝାରେ ଖୁଜିଛେ, ଜଙ୍ଗଲେ, ନାଲେ, କାଲେ, କପାଲେ, ଗାଁଥି, ସହରେ, ଦୁର୍ଗାପୂଜା, ଏମିତି ଯାତ୍ରା, ଧାନରୁଆ, କଟା , ଘରଲିପା, ପାଏନ ଟେଡ଼ାଁ ସବୁନ ଖୁଜିଛେ ଦିବାକରକେ ସେ । କେତେ ହଜାର ରାଏତ୍ ଉସିନ୍‌ଦ୍ରା ରହିକରି ଜନ୍‌ହକେ ତା'ର ଦୁଖ ଗିତ ସେ ଶୁନେଇଛେ ଯେ ସେ ଏକା ଜାନ୍‌ବା । କେନ୍ ଛଟକେ ମନ୍ ଟିକେ ଦେଲା ଦିବାକର କେ ଯେ, ବୁପ୍‌ରି ଖୋବ୍ ଗୁଲ୍‌ଗୁଲା ହେଲା । ଏ'ଦେ ଆଏବା, ହେ'ଦେ ଆଏବା, ଆଏଲାନ, ଅଉଥିବାନ, ଦିନା କେତେ ହେଲା କୁଆ କା' କା' କରୁଛେ ବଲିବଲି ପାହିଗଲା ଏତେ ବଛର । ସେ'ତ ମନ ଦେଇଥିଲା, ଦେଖ ତ ଚାଳିଶ ବଛରର ଜିବନ ବି ଦେଇଦେଲା ।

ଜୟନ୍ତି ଗୁଟେ ଲିହିବିହି ହଇ ଯଉଥିବାର ସମିଆଁ । ସେ ଗୁଟେ ଗୁନ୍ଦଲିଆ ଲହ, ଗୁଟେ ବଡ଼ ବରଗଛର ଛାଏଁ ।
ମନର ମୁନୁଷ ସାନ ଗଅତିଆ ତା'ର ଯୁବା ବଏସେ ପଲେଇଗଲେ କେନ୍‌କେ ଯେ ଖୁଜିଖୁଜି କରି ଅଥା ହେଇଛେ ଜୟନ୍ତୀ । ଦିନେ, ଛନେ ଘାଏ ବି ନି ପାସ୍‌ରି ଦିବାକର ଏକା ଦିବାକର ଘାଏ ନ ତା'ର ବାହାକେ ଧରିଥିଲା, ଦୁହିହାତ ଧରିକରି ଖେଲିଥିଲା ମଝା ଗାଁ ଖୁଲିଥି । ଦିବାକର ସାଂଗେ ସେ ଦେଖି ଯେଇଥିଲା ସିନ୍ଧେକେଲାର ଦ୍ୱାରସନି ଯାତ୍ରା । କେତେ ଲାଡ଼ ଗେଲ, ଖିଆଲ ଖେଚଡ଼ । ମନଦିଆ ନିଆ, ହୁରୁଦଦିଆନିଆ ।

କୁଆଁରି ଷୁଲବଏସି କଅଁଲି ଗଅଁଲି ଟୁକେଲଟେ ଟେକି ଦେଇଥିଲା ତା'ର ପ୍ରେମ୍, ପିରତି, ଆତ୍ମା ଆର ସମିଆଁକେ ଗୁରା ଧକ ଧକ ଧଙ୍ଗରା ଗଅଁତିଆ ଘରି ସାନ ଭାଏକେ । ସମୁନଦର ସାଂଗେ ମେଶି ଯଉଥିଲା ନଏଦ୍, ପୁରୁଷ ସଂଗେ ମେଶି ଯଉଥିଲା ପ୍ରକୃତି । କେତେ କବିତା, କେତେ ଗପ, ରଜା ରାନିର କଥାନି ଥି ହଁସି ଅଉଥିଲେ ଅଁଧାର ଉକିଆ, ରାଏତ୍ ଅଉର ସଖାଲ ମନେ ।

ହେଲେ କମ୍‌ଦିନ ଥିଲା ଫଗୁନ ରିତୁ, ତାହାକେ ତ ଭିଜ୍‌ବାର ଥିଲା ଖରାର ଝାଂଜିଥି, ଝରାବାର ଥିଲା ଶରାବନର ବର୍‌ସା ହେନ୍ତା ଲୁହୁ । ସାନ ଗଅଁତିଆ କାହିଁଗଲା ଯେ ଫିର୍‌ଲା ନେଇ ଅଉ । କିଏ କହେଲା ବଅରା ହଇଗଲା, ଆର୍‌କେନ୍ ବଏଲା ମରିଗଲା, ଆର କେନ ଯେ ବଏଲା ପାଠ ପଢ଼ି ଯେଇଛେ ବିଦେଶ୍‌କେ ବଲି । ଦିବାକର ଘରେ ତିନଭାଏ । ବଡ଼ଦୁଇ ଭାଇ ଚାକରି କରି କରି ରହୁଛନ ଝନେ ବମ୍ବେଥି ଆର ଝନେ ଦିଲ୍ଲିଥି । ଦିବାକର ନଉକର ଚାକର ହଲିଆ କୁଠିଆ ରଖିକରି ଗାଁଥି ରହେଲା ବିଏ ପଢ଼ବାର ତକ । ଗାଁ ଛାଡ଼ିକରି ଭାଗଲା ଯେ ସୋର ଶବଦ କିଛୁନି ଆର ତା'ର ବିଷୋଥି ।

ଦିବାକର ଫିରିଛେ ଇଟା ଗାଁକେ । ଚାଳିଶ ବଛର ପରେ । ବୁଢ଼ା ହେଇଗଲା ନା, ହେଲେ ବେମାର ସେମାର କିଛି ବି ନେଇଁ । ଦିବାକର ଫିରିଛେ ଗାଁକେ ଫିରିଛେ ଜୟନ୍ତିର ସାନ ଗଅଁତିଆ । ସଖାଲୁ ମଲିଫୁଲ ମଲିଫୁଲ ଗୁଲାଫୁଲ ଗୁଲାଫୁଲ ବାସୁଛେ ଗାଁ । ବଂଧକଟା ପୁରି ଯେଇଛେ ପାଏନ୍‌ଥି । ଫଲ୍‌ଥି ଲସଲସେଇ ଯଉଛେ ସେମି, ମାଖନ୍, ବୁରୋ ଆର୍ କାଁକରି ଗଛମନେ ଦିବାକର ଆଇଛେ ବଲି କାହିଁ ଯୁଗ୍‌ନୁ ପଥରେଇ ଯେଇଥିବାର ଜୟନ୍ତିର ଆଖି ଥି ଖେଲବାର ଆରମ୍ କରୁଛେ ଉକିଆ ଧାର୍‌ଟେ ।

ଜେଲ୍‌କେ ତୁକ୍‌ଲା ମୁନୁଷ ମରା ଅପରାଧି ବାଗିର ମୁଡ଼ତଲ କରି, ମୁଡ଼ର ବଲ୍‌କେ ମୁଜେଇ ମୁଜେଇ ଜୟନ୍ତିକେ ଭେଟିଗଲା ଦିବାକର ସଖାଲୁ ସଖାଲୁ । ରାଏତ ତିନ ବଜେ ଗାଁଥି ପହଁଚିଛେ ଆର କୁକରା ଡ଼କାନୁ ଯେଇଛେ ଜୟନ୍ତିର ଘର ମୁହୁଁକେ ।

ଦିବାକର ଡ଼ାକଲା- ଜୟନ୍ତି । ବେହୋସ ହଇଗଲା ସମିଆଁ । ମରିଗଲେ ଲାଖ୍ ଲାଖ୍ ପରଜାପତି । ଧୁକ୍‌ଧୁକି ବଁଦ୍ ହେଇଗଲା ମାହାପୁରୁମାନକର୍ ।

ମୁଇଁ ଆଇଛେଁ ଜୟନ୍ତି । ମୁଇଁ ଦିବାକର ଆଇଛେଁ । ସମିଆଁର ପାତାଲୁ, ଧରତିକେ ଫଟେଇକରି ଗୁଟେ ଗମ୍ଭୀର ଆଉ କଅଁଲି ଆବାଜଟେ ଖେପିଗଲା ସଂସାରକେ । ଜୟନ୍ତି ବଏଲା- ତମେ ଆଏଲ ସାନଗଅଁତିଆ ଆଏଲ ତମେ !! ଭଗବାନ ମୋର ଡ଼ାକ ଶୁନଲେ ସାନଗଅଁତିଆ, ତମେ ଆଏଲ ଯା ହଉ ।

ସାନଗଅଁତିଆ ଆଏଲେ କାଣା କାଣା କହେମି, କାଣା କାଣା ଦେମି ଆରୁ କାଣାକାଣା ଦେଖାମି ବଲି ଭାବିଥିବାର କଥା, ଦରବ ଆର୍ ସପନ୍ ମନକୁ ତ ପାସ୍‌ରି ଦେଇଥିଲାନ ଜୟନ୍ତି ଖୋବଦିନୁ । ଫିରଭି ଆଏଁଖ ତା'ର ଉଜଲ ଦିଶଲା, ମଲାଦିହେ ତୁକି ଆଏଲା ଜିବନ । ଦିବାକରର ଆଖିଥି ଲୁହୁ, ଜୟନ୍ତିର ବି ଆଖିଥି । ପରାପାଟକର ଶହଶହ ଲୋକ ଜମା ହେଇଗଲେନ ଜୟନ୍ତିର ଘରଆଗେ । ଜୟନ୍ତି ଠିଆ ହେଇଛେ ଦୁଆର ବଂଧର ସିଆଡ଼େ କବାଟ କନେ ।

ଆ ଜୟନ୍ତି । ଆ । ମୋର ନିକେ ଆ । ତତେ ମୁଇଁ ଜନକ୍ ରାଏତ୍‌ର ଉଜାଲା ଦେମି । ସରଗ ଦେମି । ତତେ ଜିବନ ଦେମି ଜୟନ୍ତି । ଆ, ମୋର ନିକେ ଆ ।

ନେଇଁ ବଏଲା ଜୟନ୍ତି । ପ୍ରେମ ନଗରିର ସୁନ୍ଦରି ରାଜକୁମାରି ମୁହୁଁ ମୁଡ଼ିଦେଲା । ବଏଲା ଫିରି ଯ । ନେଇଁ ବଏଲା । ଡ଼ାଲୁ ଉଡ଼ିଗଲେ ଚେରେମନେ ସରଗ ପୁରକେ । ଫିରିଗଲା ବରଷାର ଧାରା । ନାଡ଼ି ଆର ଛିର୍ ବାରି ହଇ ଯଉଥିବାର ହାତେ ତା'ର ଜିବନର ଘଟନା ମନକୁ ଦୁବଘାସ ବାଛଲା ବାଗିର ବାଛିବାଛି କଲେ କଲେ କହେଲା, ଜୟନ୍ତି, ତମକେ ଟାକବାର ନେ ଯେତେ ମଜା ଅଛେ ପାଏବାରନେ ହେତେ କାହୁଁ ପାଏମି ସାନଗଅଁତିଆ ? ଚାଳିଶ ବଛର ଟାକଲିଁ ଆର ଦଶ ପଁଦର ବଛରର କଥା । ମୁଇଁତ ବାଏର୍ ନେଇଁ ଡେଗି, ବିହା ନେଇଁ ହଇ କି ଅଚଲନି ନି ହେଇ । ମୁଇଁତ ଖାଲି ଜଲେଇଛେଁ ପ୍ରେମ ପିରତିର ଦିପ । ଖାଲି ପାଏବାର ଥିତ ପ୍ରେମ ନି ଥାଏ । ଜଗବାରଟା ବି ପ୍ରେମ ଆଏ । ବିରହକେ ଭୁଗବାର ଟାବି ପ୍ରେମ ଆଏ । ସବୁ ନଦି କେନ ନ ସାଗରେ ମେଶି ପାରସନ ? ସବୁ ଗଛେ କେନନେ ଫଲ ଫଲସି ?

ବୁଝଉଥାଏ ଦିବାକର । ଦେଖି ମରିଗଲା ମୋର ଦଦା ଦିଲ୍ଲି ନ । ପୁତରା, ଝିଆରିର ମୁହୁଁ ଦେଖି ଘର କଲି ମୋର ବହୁର ସାଂଗେ । ଚାକିରି କଲିଁ । ଆସିନେଇଁ ପାରଲିଁ ଗାଁକେ । ଆରୁ ଏଭେ ଆଏଲା ବେଲ୍‌କେ ଚାଳିଶ ବଛର ପାହିଗଲା । ଇହାଦେ ତୋ'ର ଲାଗି ଏକା ଆଇଛେଁ, ଜୟନ୍ତି, ତୋ'ର ନିକେ ଏକା ଆଇଛେଁ ।

ବନେ କଲ ସାନଗଅଁତିଆ । ଦାୟିତ୍ୱ ନିଭାବାରନୁ ବଡ଼କାମ୍ ଆର କିଛୁ ବି ନେଇଁ । ତମେ ଘର କଲ, ସଂସାର କଲ ଖୋବ୍ ଖୁସି ମୁଇଁ ହେଥିନ । ତା'ର ନୁ ଆର ଜହ ଖୁସି ତମେ ଏତେ ଦିନପରେ ଫିରି ଆଏଲ ବଲି । ତମେ ଫିରି ଆଏଲ ବଲି ପ୍ରେମ୍ ପିରତି କେ ବିଶ୍ୱାସ ବଢ଼ବା ଆଏଜ୍ କାଲି ଲୁକର । ତମେ ଫିରି ଆଏଲ ବଲି ଭଲ ହେଇଯିବେ ରୁଗେ ସଢୁଥିବାର ପ୍ରେମ୍ ଦେବି ମାନେ । ତମେ ଆଏଲ ଯେ ମର୍‌ଡ଼ି ନି ପଡ଼େନ ଇଥର । କିଲିବିଲି ହଇ ଲୋକ କମେଇ କୁଠେଇ ନି ଯାଆନ ନ ବିଦେଶକେ । ହେଲେ ତମେ ଫିରି ଯ ସାନ ଗଅଁତିଆ । ତମ୍‌କୁ ହଜାବାର ଟା ମୋର ତପସ୍ୟା ଆଏ, ଖୁଜବାରଟା ମୋର ସିଦ୍ଧି ଆଏ । ଯେତେ ମୁଇଁ ହରାମି ତମକୁ, ସେତେ ଜହଜହ ପାଏମି । ଯେତେ ଧୁରିଆ ଭାଗିଯିବ ମୋର୍ ନୁ ତମେ ସେତେ ପାଖେ ମୋର, ପାଉଁଥିମି ତମକେ ମୁଇଁ । ଟାକବାର ମଜା ପାଏବାରଥି କାହିଁ ସାନଗଅଁତିଆ ? ତମର କରମ, କପାଲ କାମ ଆର କମେଇ ନିକେ ଫିରି ଯ ତମେ । ମୁଇଁ ନି ପାଇକରି ବି ଜହ ପାଇଛେଁ ତମକେ । ମୁଇଁ ତ ତମ୍‌କୁ ଜୁଆନ ବେଲୁ ପାଇ ସାରିଛେଁ ଗଅଁତିଆ, ନିରମଲ ମନ ଆର୍ ଆତ୍ମା ଟେକେ ଛାନି ଆନିଛେଁ ସମିଆର ପାନି ଥୁ ମୁଇଁ । ମୁଇଁ ସେ ସାନଗଅଁତିଆକେ ମନଥି ମୋର ବାଁଧି କରି ରଖିଛେଁ ଯେ ତ ଗାଁର ଲାଗି ଜିବନ ଦେଉଥିଲା, ଗାଁର ଦେ-ଦେବତାର, ସେବା କରୁଥିଲା, ଯା'ର ଲାଗି ଛନ୍‌କୁ ଥିଲା ହଜାରେ କୁଆଁରି ଛାତି । ମୁଇଁ ତ ଶିଲେ ବାଟିବାଟି କରି ପାଲିସ କରି ଦିହିଁ ଆର ମନସାରା ମାଖିଦେଇଛେଁ ତମର୍ ସୁରତାକେ ଆର୍ ଇହାଦେ କାଣା ଦେବ ମତେ ତମେ ?

ପଥର ହେଇଗଲା ସାନ ଗଅଁତିଆ । କବାଟ କୁନୁ ନି ବାହାରିଲା ଏକା ତା'ର ମନ ବନର ମାଲତି । ଫିରି ଆଏଲା । ହନୁମାନ ବୁହିଥିବାର ଗଂଧମାର୍ଦ୍ଦନ ପର୍ବତ ଏଡ଼େଟା ଦଶଟା ବୁହିକରି ମୁଡ଼େ, ଫିରି ଆଏଲା ସେ । ତା'ର ପିଁଧନା ଧଲା କପଟାଥି ଘରକରି ବସିଥିଲେ ନ ସମିଆଁର ମଲା ରକତ ମନେ ।

ଯେ'ନ କାଂଦି । ହେ ଭଗବାନ । ସାନ ଗଅଁତିଆର ମୁହୁଁ ଟିକେ ନେଇଁ ଦେଖିଲିଁ, କଥା ପଦେ ବନେ କରି ନେଇଁ ହେଲି ବଲି ଯେନ୍ କାଂଦଲା ଜୟନ୍ତି ନେଇଁ କହନ । ନଏଦ ହେଇ ବୁହିଗଲା ବାଗିର ଲୁହୁ । ପାହାଡ଼ ହେଇ ଜମି ରହେଲା ବାଗିର ଦିର୍ଘ ନିଃଶ୍ୱାସ । ଜୟନ୍ତି ଏଭେ ବି କାଂଦସି ବଲସନ ଆମ ବୁରେଇର ସେଫାଲେ ଖୁଜିଖୁଜି କରି ସାନ ଗଅଁତିଆକେ ତା'ର ।

ଏ' ଦେ ତ ଗଲାବଛରେ ଏକା ମରିଗଲା ଜୟନ୍ତି । ଚାନ୍ଦାବରାଲ ଚାଲୁଛେ ମନ୍ଦିରଟେ ବନାବାର ଲାଗି ତା'ର ନାଁଥି ।

ମୋ- ୯୪୩୭୧୨୪୧୯୭

## ଆମ୍ ବୁରେଇ ଥିଁ

**- ଡକ୍ଟର ଅଶୋକ ମହାପାତ୍ର**

ଝାଏଁ କରୁଛେ ଆମ୍ ବୁରେଇ
ଖସ୍ ଖସ୍ ଶୁଖା ପତର୍
ଉଡ଼ିବୁଲୁଛେ ବାରମାସି ଖରାଝାଉ ଥିଁ
ଖରା ଛଡ଼ା କେନ୍‌ସି ଋତୁ ଯେନ୍‌ତା କି
ଇଠାନ୍‌କେ ଆଏବାର୍ ନାଁ ନାଇଁ ଧରି ।

ଟୁକ୍‌ରା ଟୁକ୍‌ରା ଦର୍‌ପନ୍ ଲେଖେଁ
କେତ୍‌ନି କେତେ ଭମର୍
ସମାନ୍ ମହୁ ଖାଇ କରି ଭିଲ୍
ଦିଶୁଥିସନ୍ ଭିନ୍ ଭିନ୍ ଇ ଆମ୍‌ବୁରେଇ ନ'
ଠାଡ଼୍ ଦୁଇ ପହରେ, ଖରାଝାଉ ନ' ।

ଅଁଟା ନ ଅଁଟେ ପତର୍ ତୁଲି କରି
ତଲିପରାର୍ ନନି ଆମ୍‌ବୁରେଇକେ

ଆସ୍‌ଲା କି ଆକାଭୋତ୍
ଗଛର୍ ଡାଲେ ଅଦିନିଆଁ କୁଇଲି
ଅଁଟାର ଗଏଁଠ୍ ହିଟିଗଲା କି କେନ୍‌ତା ଯେ
ନନିକେ ଦେଖୁନ୍ ଦେଖୁନ୍ ହଜିଗଲା
ଠାଡ଼୍ ଦୁଇପହରେ, ଖରାଝାଉ ନ' ।

ଖସ୍ ଖସ୍, ସର୍ ସର୍.... ଶୁଖାପତର୍
ଆର୍ ଭମର୍ ମାନେ ଇଛେନ୍ ଆକାଭୋତ୍
ଇ ବୁଆ, କାହିଁଗଲା ଗା ନନି ?
ଉଭିଗଲା କାଏଁ,
ଇ ଠାଡ଼୍ ଦୁଇ ପହରେ, ଖରାଝାଉ ନ' ।।

**ଅଧ୍ୟକ୍ଷ, ବଲାଙ୍ଗିର କଲେଜ**
**ବଲାଙ୍ଗିର**

## ପହଁ ପହଁ ଛଏଁରା

**- ଚତୁର୍ଭୁଜ ସାଆନ୍ତ**

କାଠ୍ ଖାରେ ମାଜିଘଁସି ଖୁରିଗିନା
କେଭେ ମନ୍ ନାଇଁକରେ ଉନା
ହୁରୁଦ୍ ଭାବ୍ ଝଲ୍‌ଝଲା ପାଏନ୍
ଦଉଥିସି ଦେଇ କରାସି
ଲେଟେଇ କରି ଠାଡ଼୍ ହେସି
ପହଁ ପହଁ ଛଏଁରା ।

ବନେ ଆଘୋ ନୁ ଆକାଶେ
ଯେନ୍ ଜଲୁଥିଲା ଦପ୍‌ଦପା ଡିବ୍‌ରୀ
ଭଁଟାକେ ପାହା ପକାଲେ ବୁପ୍‌ରୀ
ଢାପିଢୁପି ହେଇ ଶୁଇ ପଡ଼୍‌ଲେନ' କେଭ୍‌ନୁ
ମୁହୁଁ ନାଇଁ ଥିବା ଗାଗର୍ କେ ଧରି ।

ବେଲ୍ ଉଦୁ କି ନାଇଁ ଉଦୁ
ସକାଲ୍ ସକାଲ୍ ଦର୍‌ପନ୍ ଦିହେଁ
ଗୁଟେ ଲାଲ୍ ସେନ୍ଦୁର୍ ଟିକା ଉଦି ଆଏସି
ରନ୍ଧାଘର ତେଲ୍ ଚିଟ୍‌କା, କୁହୁଲା
କେଭେ ମନ୍‌କେ ନି' କରିପାରେ ମଏଲା ।

ଆକାଭୂତ୍ ଗେଲ୍‌ହେଇ ଶବଦ୍‌ମାନେ
ଠେଲିପେଲି ଲମିଥିସନ୍ ଉଲ୍‌ଗୁଲାନ୍ କେ
ଲେତାଘଁସା ଦୁତିଆ ଦେଖା କେ
ହେତ୍‌କେ ମଝିଲି ବଖ୍‌ରୀ ଖଟ୍‌ତଲେ
ଢେଁଡ଼ାମୁଡ଼ା ମନର୍ ଭଉଁରି ।
ବହଲିଆ ଛାଏଁ ଏନ୍‌ତା ରାତିର୍ ଛାତି ଥି
ଦୁର୍‌ମୁସ୍ ପିଟୁଥିସି
ଖୋବ୍ ମଧୁର ଅନ୍ଧାରର୍ ହାତ୍ ।

ରୁବେନ୍ ଲୁଢ଼ା ଲେଖେଁ କିନ୍ଦ୍‌ରି କିନ୍ଦ୍‌ରି
ଜିରି ଯଉଥିବାର୍ ଆଏଷ' କେ
ଆସ୍‌ବାର୍ ଦିନର୍ ଲାଗି
ଶିକ୍‌ଲି ଥି ଦିହିଁର୍ ଠେଁକି କେ ଉଲେଇଥିସି
ସଁସାର୍‌କରୀ ଈଶ୍ୱରୀ ।

ଦିନ୍ ସର୍‌ତା ଘରେ
ଢୁଁଡ଼େଇ ଢ଼ାଁଡ଼େଇ ହେଇ
ହେଲ୍‌ବେଲିଆ ଅନୁରାପନ୍ କେ
ବେଲ୍ ଶୀତଲ୍ କେ ସାଁକ୍‌ଲି
ବେଟ୍‌ଲି ଥୁଇ ମସାନ୍‌କୁନେ
ସଁପିସାରି ଦେସି ସୁନାଖାଡ଼ି ଦିହିଁ
ରକତ୍‌ମୁହାଁ ଦେବ୍‌ତା ଠାନେ ।

ନାଇଁସେ କଲ୍‌କଲି, ପଅଁଲା ମାଲି
ରାଏତ୍ ସର୍‌ତା ରକତ୍ ମାଏଲି,
ସଁସାର୍ ଖୁଲି
ପୁର୍‌ଥୀ ଆଏଷ' କେ ଜୁଗ୍‌ରଉଥିସି ଝୁଲି
ଗୁଲାମୁଲା ଦିହିଁ କେ କାଁଚି
ସକାଲ୍‌ପୁଆ କେ ଶୁଖେଇ ଥିସି
ଢେଁକ୍‌ପହର୍ ଅଢ଼ା ଥି
ଧୁକା ଥି ଦୁଲୁଥିସି
ସେନ୍‌ହୋ ଶର୍‌ଧାର୍ ହୁଲାହୁଲି ।

ହର୍‌ମେସା ଚକ୍‌ଚକାସି ମତ୍‌ତନ୍ ଖୁରିଗିନା
କେଭେ ମନ୍ ନାଇଁ କରେ
ଉନା !!

## ସପନ୍ ଦେଖା

**- ଜ୍ୟୋତିର୍ମୟ**

ସପନ୍ ଦେଖା
ବଢ଼େଟେ କଥା ନେଇଁସେ...
କିଏ ହେଲେ କାହାକେ
ମନା କରିପାରିଛେ ସପନ୍ ଦେଖିବାକେ !

ହେଲେ ଗୁଟେ କଥା
ଆଏଁଖି ଥି ଧର୍‌ଲା ବାଗିର୍
ସପନ୍ ଦେଖିଲେ ବନେ ହେସି
ସପନ୍ କେ ଜୀଆଁବାର୍ ଲାଗି
ବଫୁ ବି ଖଟେଇ ହେସି ।

ସର୍‌ଗର୍ ତରା ମାନ୍‌କର୍ ସାଁଗେ
ଡାହିମାକ୍‌ରି ଖେଲ୍‌ମି ବଲି
କି ଜନ୍‌କେ ଲେଦା ମାରିକରି

ଝାର୍‌ମି ବଲି
ସପନ୍ ଦେଖିଲେ କାଏଁଥି ଲାଗ୍‌ବା....
ହେନ୍‌ତା କେଭେ ହେଲେ ସପନ୍
ଜୀଇଁ ପାର୍‌ବା ଭାଏଲ୍ !

ଅମ୍‌ରେଇ ପାର୍‌ଲା ବାଗିର୍
ସାଆଁଟି ପାର୍‌ଲା ଲେଖେଁ
ସପନ୍ ଦେଖିଲେ
ଆଏଁଖି କେ ସୁରୁତ୍
ଆର୍ ଜଗତ୍ କେ ସୁଆଦ୍ ।

ସପନ୍ ଦେଖା ବଢ଼େଟେ କଥା
ନେଇଁସେ....
ସପନ୍ ଦେଖିବାକେ କାହାକେ ମନା !!

# ନିମ୍ନମାନର କୋଠା ଯୋଗୁଁ ମାତ୍ର ୨ ବର୍ଷରେ ପାଣି ଗଳିଲା : ଛାତକୁ ବଞ୍ଚାଇବା ପାଇଁ ଦିଆଯାଉଛି ଆଜବେଷ୍ଟେଜ୍, ଶିକ୍ଷାପ୍ରେମୀ ମହଲରେ ଅସନ୍ତୋଷ

ଦେଓଗାଁ, (ନିପ୍ର) : ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ସ୍କୁଲ ଘର । ହେଲେ କୋଠା କାମ କରୁଥିବା ଠିକାଦାରଙ୍କ ହୀନ ମନ୍ୟତା ଯୋଗୁଁ ମାତ୍ର ୨ ବର୍ଷ ମଧ୍ୟରେ ଛାତରୁ ପାଣି ଗଳିଲା । ବହୁ ଅସୁବିଧାରେ ଛାତ୍ରଛାତ୍ରୀମାନେ ପାଠପଢିଲେ ।

ପୁଣି ୧୦ ବର୍ଷ ହୋଇନାହିଁ, ହେଲେ ପୁଣି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମରାମତି କାମ ଚାଲିଛି, ତେବେ ଏହା ମଧ୍ୟ ନିମ୍ନ ମାନର ବୋଲି ଅଭିଯୋଗ ହେଉଛି । ଛାତରୁ ପାଣି ଗଳୁଥିବାରୁ ଛାତ ଉପରେ ଆଜବେଷ୍ଟର ଦିଆଯାଉଥିବାରୁ ଲୋକମାନେ ଠିକା ସଂସ୍ଥାକୁ ପ୍ରହସନ କରୁଛନ୍ତି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦେଓଗାଁ ବ୍ଲକର ଅନ୍ୟତମ ସଚେତନ ଗାଁ ଜରାସିଂହାର ମାଳିପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ । ଏହି କାମକୁ ଜରାସିଂହା ସରପଞ୍ଚ କୁଶ ମେହେର ତଦାରଖ କରୁଛନ୍ତି । ତାଙ୍କ କହିବା ଅନୁସାରେ ଏହି କୋଠାକୁ ୨୦୦୮/୦୯ ଶିକ୍ଷା ବର୍ଷରେ ସର୍ବ ଶିକ୍ଷା ଅଭିଯାନ ପକ୍ଷରୁ ଦିଆଯାଇଥିବା ଅନୁଦାନକୁ ତତକାଳୀନ ସରପଞ୍ଚଙ୍କ ସ୍ୱାମୀ କୈଳାଶ କର୍ତ୍ତି ତଦାରଖ କରୁଥିଲେ । ନିର୍ମାଣ କରାଯାଇଥିବା ନୂତନ କୋଠାକୁ ୧୨/୧/୨୦୧୦ରେ ତତ୍ କାଳୀନ ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ଉଦଘାଟନ କରିଥିଲେ । ନିର୍ମାଣ କରିବାର ମାତ୍ର ଦୁଇ ବର୍ଷ ପରଠାରୁ ଛାତରୁ ପାଣି ଗଳୁଛି ବୋଲି କିଛି ଅଭିଭାବକ ମଧ୍ୟ ଅଭିଯୋଗ କରୁଛନ୍ତି । ଛାତ ଉପରେ ଆଜବେଷ୍ଟେଜ୍ ଦେବା ବିଷୟରେ ପଚାରିବାରୁ ଛାତରେ ଗ୍ରିଡିଙ୍ଗ କରିବାକୁ ଯନ୍ତ୍ରୀମାନେ ମନା କଲେ କାରଣ ଛାତ ଲୋଡ ନେଇ ପାରିବ ନାହିଁ ।





ମାତ୍ର ୧୦ ବର୍ଷର ଛାତ୍ର ଲୋଡ ନେଇ ପାରିବ ନାହିଁ, ତେଣୁ ଛାତ ଉପରେ ଆଜବେଷ୍ଟର ଦେବା କେତେ ଯୁକ୍ତି ଯୁକ୍ତ ଓ ସେହି ସମୟରେ କରାଯାଇଥିବା କାମ କିପରି ଥିଲା ତାହା ସହଜରେ ଅନୁମେୟ । ଏ ସଂକ୍ରାନ୍ତରେ ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମାନସିଂଙ୍କୁ ପଚାରିବାରୁ ବର୍ତ୍ତମାନ ଏସ୍‌ଏସ୍‌ଏରୁ ବ୍ଲକକୁ ଡେପୁଟେସନ୍‌ରେ ଆସିଛୁଁ ।

ମାଳିପଡା ସ୍କୁଲ କୋଠା ବିଷୟରେ ଜାଣି ନାହିଁ । ବ୍ଲକରୁ ପୁଣି କାମ ହେଉଥିବାରୁ ଯେଉଁ ଯନ୍ତ୍ରୀ ଦାୟିତ୍ୱରେ ଅଛନ୍ତି ସେ ହିଁ ବିଷୟରେ କହିପାରିବେ ବୋଲି କହିଛନ୍ତି । ଭଙ୍ଗା ଛାତକୁ ପୁଣି ଲକ୍ଷ ଲକ୍ଷ ଟଙ୍କାରେ ଖର୍ଚ୍ଚ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଉଛି ।

## ଅଣ୍ଡାଗ୍ରାମ ଜନସେବା କେନ୍ଦ୍ର ଓ ତପସ୍ୟା ପାଠାଗାର ପକ୍ଷରୁ ବୃକ୍ଷକୁ ରାକ୍ଷୀ ବନ୍ଧନ



ଭୁବନେଶ୍ୱର, (ନିପ୍ର) : ରବିବାର ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଖୋର୍ଦ୍ଧା ଜିଲ୍ଲା ଅଣ୍ଡାଗ୍ରାମ ସ୍ଥିତ ଜନସେବା କେନ୍ଦ୍ର ଓ ତପସ୍ୟା ପାଠାଗାରର ମିଳିତ ଆନୁକୂଲ୍ୟରେ ବୃକ୍ଷଦେବତାଙ୍କୁ ବିଧିବଦ୍ଧ ଭାବେ ପୂଜନ ହୋଇ ବୃକ୍ଷ ସହିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ଏକ ନିଆରା ପର୍ବ ଯୁବଗୋଷ୍ଠୀ ପାଳନ କରି ସମାଜକୁ ଏକ ନୂତନ ଦିଗନ୍ତ ପ୍ରତିପାଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଳବାଇ ଜନସେବା କେନ୍ଦ୍ରର ମୁଖ୍ୟ ପଦ୍ମନାଭ ସାହୁ ଓ ସିକୋ ଜନସେବା କେନ୍ଦ୍ରର ଫକୀର ମୋହନ ରାଉତରାୟ, ରାମଚଣ୍ଡୀର ଯୁବସମାଜ ସେବକ ଗଣେଶ ବେହେରା ଯୋଗଦେଇ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇ ତିନୋଟି ବୃକ୍ଷରେ ରାକ୍ଷୀ ବନ୍ଧା ହୋଇଥିଲା । ବୃକ୍ଷ ଆମର ଜୀବନ ବନ୍ଧୁ, ବୃକ୍ଷ ହିଁ ଦେବତା ବୋଲି ଗଣନା କରାଯାଇ ଯୁବଗୋଷ୍ଠୀ ରାକ୍ଷୀବନ୍ଧନ କରି ସମାଜକୁ ନୂତନ ସଞ୍ଚାର ଦେଇଛନ୍ତି । ଗଛ ଆମକୁ ଅମ୍ଳଜାନ ଦିଏ, ତା' ଅମ୍ଳଜାନରେ ଏ ଧରା ପୃଷ୍ଠରେ ମଣିଷ ସମାଜ ଆଉ ସମଗ୍ର ଜୀବଜଗତ ବଞ୍ଚିରହିଛି । ପ୍ରତି ବର୍ଷ କିଛି ଗଛ ଲଗାଇ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ଅଣ୍ଡାଗ୍ରାମର ଯୁବଗୋଷ୍ଠୀ ଭାରତ ମାତାର ଚରଣ ଛୁଇଁ ଶପଥ କରିଛନ୍ତି । ଜନସେବା କେନ୍ଦ୍ରର ପରିଚାଳକ ପବିତ୍ର କୁମାରବରାଳ ସୁନ୍ଦର ପ୍ରୟାସ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ।

## କୋଶଳୀ କ୍ଷୁଦ୍ର ଚଳଚିତ୍ର 'କାନ୍ଦୁଛେ ରାକ୍ଷୀ' ଉନ୍‌ମୋଚିତ

ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଘୁନସର ଗ୍ରାମର ତଥା ଅଞ୍ଚଳର ଅନେକ ଛୋଟ ବଡ କଳାକାରଙ୍କୁ ନେଇ ଆଜି କୋଶଳୀ କ୍ଷୁଦ୍ର ଚଳଚିତ୍ର କାନ୍ଦୁଛେ ରାଖୀ ଉନ୍‌ମୋଚିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଘୁନସର ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ସନ୍ତୋଷ ବେହେରା ଯୋଗ ଦେଇଥିବା ବେଳେ ଲୋଇସିଂହା ବ୍ଲକ ବିଜେଡି ସଭାନେତ୍ରୀ ଜୋଷ୍ଣାମୟୀ ନାଗ, ଘୁନସର ସମବାୟ ସମିତି ସଂପାଦକ ମନୋଜ କୁମାର ସାହୁ, ସମାଜସେବୀ ରୁଦ୍ରମଣି ସାହୁ, ଗୀତିକାର ହୀରାଧର ଗହୀର, ସାମ୍ବାଦିକ ସୁନୀଲ ଗହୀର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ସ୍ୱାଗତ କୁମାର ନାଏକ ସଭାକୁ ପରିଚାଳନା କରିଥିବା ବେଳେ ଉଦୟ ଶଙ୍କର ବାଗ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅତିଥି ମାନଙ୍କୁ ଓପଢୌକନ ଦେଇ ସ୍ୱାଗତ କରାଯାଇଥିବା ବେଳେ ପ୍ରଥମେ ଗାଁର ଇଷ୍ଟ ଦେବୀ ମା' ଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ତେବେ କରୋନା ମହାମାରୀ



ଯୋଗୁଁ ଅନେକ ଲୋକଙ୍କ ଜୀବନ ଜୀବିକା ଠପ ହୋଇ ପଡିଥିଲା । ଯାହାର ଫଳରେ ଲୋକେ ଦାଦନ ଖଟିବା ପାଇଁ ବାଧ୍ୟ ହୋଇଥିଲେ । ଅନ୍ୟପଟେ କଳାକାର ମଧ୍ୟ ତା'ର ପରିବାର ପୋଷଣ କରିବା ପାଇଁ କାଠକର ହୋଇ ପଡିଥିବା ବେଳେ ଭାଇ ଭଉଣୀ ମଧ୍ୟରେ କରୋନା କାଳରେ କିଭଳି ଭାବେ ଭାଇଚାର ବାଦ ବିବାଦ ସୃଷ୍ଟି ହୋଇଥିଲା ତାହାକୁ ନେଇ ଏହି ଚଳଚିତ୍ର ନିର୍ମାଣ କରାଯାଇଛି । ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ଏହି କ୍ଷୁଦ୍ର ଚଳଚିତ୍ର ଆଜି ଶୁଭାରମ୍ଭ ହୋଇଯାଇଥିବା ବେଳେ ଦର୍ଶକଙ୍କ ମନକୁ ମଧ୍ୟ ଛୁଇଁଛି । ଅଜିତ କୁମାର ସାହୁଙ୍କ ପ୍ରଯୋଜନାରେ ଏହି ଫିଲ୍ମ ଆରମ୍ଭ ହୋଇଥିବା ବେଳେ କାହାଣୀ ଓ ନିର୍ଦ୍ଦେଶକ ଭାବରେ ବୁଲୁ ବଗଲର୍ତ୍ତି । ମୁଖ୍ୟ ଭୂମିକାରେ ସ୍ୱାଗତ କୁମାର ନାଏକ, ପଲ୍ଲବୀ ପ୍ରିୟଦର୍ଶିନୀ ନାଗ, ସୁମନ ବେହେରା, ଉଦୟ ଶଙ୍କର ବାଗ, ବିଷ୍ଣୁ ଭୋଇ, ବସୁଦେବ ଭୋଇ, ସୁବିନ୍ଦ୍ର ନାଏକ, ରୋହିତ ଭୋଇ, ହିମାଂଶୁ, ମାନସୀ, ସାନ ରଣା, ଅଜିତ ପ୍ରମୁଖ ଅଭିନୟ କରିଛନ୍ତି । କ୍ୟାମେରା ମ୍ୟାନ ଭାବରେ ରାମ ନାରାୟଣ ବାଗ, ପୃଥିରାଜ ବକୁଳ, ଜଗତ ଦାସ ଦାୟିତ୍ୱ ନିର୍ବାହ କରିଛନ୍ତି । ଉମା ରାଣୀ ତାଣ୍ଡି, ଦିନବନ୍ଧୁ ପସାୟତ, ପ୍ରକାଶ ସାହୁ, ଅରୁଣ ତାଣ୍ଡି ପ୍ରମୁଖ ସହଯୋଗ କରିଥିବା ବେଳେ ଏଥିରେ କଣ୍ଠଦାନ ଶୁଭ ଲକ୍ଷ୍ମୀ ସାହୁ, ଗୀତ ରଚନା ଅଜିତ ସାହୁ ଏବଂ ମ୍ୟୁଜିକ ରାଜେଶ ବେହେରା ଦେଇଥିବା ବେଳେ ଭିଡ଼ିଓକୁ ସାଜସଜ୍ଜା କରିଛନ୍ତି ଦଲ ଗୋବିନ୍ଦ ଭୋଇ । ଏହି ଚଳଚିତ୍ର ଅଜିତ କୁମାର ସାହୁ ଅଫିସିଆଲ ୟୁଟ୍ୟୁବ ଚେନାଲରେ ଉପଲବ୍ଧ ହୋଇଥିବା ପ୍ରଯୋଜକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ଗୋପପୁର ଆଶ୍ରମରେ ନୂଆଁଖାଇ ପାଳନ

ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ଗୋପପୁର ମହିମା ଆଶ୍ରମଠାରେ ନୂଆଁଖାଇ(ନବାନ୍ନ) ଉତ୍ସବ ପାଳିତ ହୋଇଯାଇଛି । ବିଗତ ଶତାଧିକ ବର୍ଷ ହେବ ଏହି ଆଶ୍ରମରେ ଶ୍ରାବଣ ପୂର୍ଣ୍ଣିମାରେ ମହିମା ଧର୍ମାବଳମ୍ବୀ ନୂଆଁଖାଇ ପାଳନ କରି ଆସୁଛନ୍ତି । ପବିତ୍ର ଶ୍ରାବଣ ପୂର୍ଣ୍ଣିମାର ପାଞ୍ଚ ଦିନ ପୂର୍ବରୁ ଛତିଶଗଡ ତଥା ଓଡିଶାର ଝାରସୁଗୁଡା, ସୁନ୍ଦରଗଡ, ସୋନପୁର, ସମ୍ବଲପୁର ଏବଂ ବିଭିନ୍ନ ଅଂଚଳରୁ ଅନେକ ସାଧୁସନ୍ଥ, ମହିମାଧର୍ମାବଳମ୍ବୀ ଆଶ୍ରମରେ ପହଂଚିଥିଲେ । ମହିମା ବ୍ରହ୍ମାବଧୂତ ନୃସିଂହ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ଣ୍ଣିମା ପୂର୍ବ ସନ୍ଧ୍ୟାରେ ବ୍ରହ୍ମଧୂନୀ ସ୍ଥାପନ ହେବା ସହ ଅଖଣ୍ଡବତୀ ସମର୍ପଣ କରାଯାଇଥିଲା । କରୋନା ମହାମାରୀରୁ ଜଗତକୁ ଉଦ୍ଧାର କରିବା ପାଇଁ କାମନା କରାଯାଇଥିଲା । ପ୍ରତ୍ୟୁଷରୁ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ନବାନ୍ନ ଅର୍ପଣ କରିବା ପରେ ସକାଳେ ନୂଆଁଖାଇ ଥିଲେ । କୋଭିଡ କଟକଣାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା ।



## ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ




ଛତ୍ରପୁର, (ନିପ୍ର) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ଶାନ୍ତି ଅନୁଭୂତି ଭବନ ତରଫରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସମସ୍ତ ଭାଇ, ଭଉଣୀ ଓ ମାଆମାନଙ୍କୁ ସଭିଙ୍କୁ ପାରମ୍ପରୀକ ଭାବେ ରାକ୍ଷୀ ବାନ୍ଧିଲେ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଭଉଣୀ ବିଜୟଲକ୍ଷ୍ମୀ । ପବିତ୍ର ରକ୍ଷାବନ୍ଧନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ଉପରେ ବଡଭଉଣୀ ବିଶଦ ଭାବେ ଆଲୋକପାତ କରିଥିଲେ । ଛତ୍ରପୁର ବ୍ଲକ୍ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବ୍ରହ୍ମାକୁମାରୀ ଭଉଣୀ ତାଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଏଭଳି ବହୁ ଅତିଥି ଏବଂ ଏହି ସମାରୋହରେ ଉପସ୍ଥିତ ସମସ୍ତଙ୍କୁ ଭଉଣୀ ରାକ୍ଷୀ ବାନ୍ଧିଥିଲେ । ଏହି ଦିବସ ଅବସରରେ ଏହାର ମହତ୍ତ୍ୱକୁ ପ୍ରତିପାଦନ କରିବା ପୂର୍ବକ ସଦରମହକୁମା ଛତ୍ରପୁରରେ ଅବସ୍ଥାପିତ ପ୍ରମୁଖ କାର୍ଯ୍ୟାଳୟକୁ ଯାଇ ପ୍ରମୁଖ ପଦାଧିକାରୀଙ୍କୁ ବ୍ରହ୍ମାକୁମାରୀ ଭଉଣୀ ରାକ୍ଷୀ ବାନ୍ଧିଥିଲେ । ଗଞ୍ଜାମ ଏସ.ପି. ବ୍ରିଜେଶ କୁମାର ରାଏ, ଛତ୍ରପୁର ଉପକାରାଗାର ଅଧିକାରିଣୀ ଶ୍ରୀମତୀ ଶୁଭସ୍ମିତା ବିଶ୍ୱାଳ, ଛତ୍ରପୁର ପୌରନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁ ପ୍ରମୁଖ ବହୁଅଧିକାରୀଙ୍କୁ ଭଉଣୀ ରାକ୍ଷୀ ବାନ୍ଧି ଏହି ବନ୍ଧନର ମହତ୍ତ୍ୱକୁ ବୁଝାଇ ସମାଜରେ ଅନେକ ସଚେତନା ଦେଇଛନ୍ତି ।

## ସାଂପ୍ରତିକ ସମୟରେ ଗଙ୍ଗାଧର ସାହିତ୍ୟର ପ୍ରାସଂଗିକତା ରହିଛି



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଟିକ୍ରାପଡା ଜଗନ୍ନାଥ ମନ୍ଦିର ଠାରେ ପୂଜ୍ୟପୂଜା ସେବା ସଂଗଠନ ତରଫରୁ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ସଂଗଠନର ସଭାପତି ଡାକ୍ତର ଅଶୋକ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବି ଅଚ୍ୟୁତାନନ୍ଦ ଉଦ୍‌ଗାତା ଓ ମୁଖ୍ୟବକ୍ତା ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗ ଦେଇ ସାଂପ୍ରତିକ ସମାଜରେ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଓ ଏହାର ପ୍ରାସଂଗୀକତା ବିଷୟରେ କହିଥିଲେ । ଏହାପରେ ଅନୁଷ୍ଠାନର ସଭ୍ୟା କସ୍ତୁରୀ ରଥ, ମଧୁ ସାହୁ, ବଳିଷ୍ଠ ପ୍ରଧାନ, କେଶବ ମିଶ୍ର, ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ସଂଗଠନର ସଂପାଦକ ମଦନ ମୋହନ ରଥ ସୁନ୍ଦର ଭାବରେ ଭକ୍ତି କବିତା ଗାନ କରିବା ସହିତ ସମସ୍ତେ ଏଥିରେ ସହଯୋଗ କରିଥିଲେ । ପ୍ରାରମ୍ଭିକ ସୂଚନା ଓ ସଭା ପରିଚାଳନା କରିଥିଲେ ରତ୍ନମୟ ତ୍ରିପାଠୀ । ପରେ ପରେ ସମସ୍ତଙ୍କୁ ରକ୍ଷା ବନ୍ଧନ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କପିଳପତି, ହୃଷିକେଶ ପୁରୋହିତ, ଦୁର୍ଗା ଚରଣ ସାହୁ, ସୁନାଧର ବନ୍‌ଛୋର, ଜୟରାମ ମିଶ୍ର, ଧର୍ମବ୍ରତ ରଥ ତଥା ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ବଳିଷ୍ଠ ସଭ୍ୟ ଚୁଡେନ୍ଦ୍ର କୁମାର ବେହେରା ।

## ସେପ୍‌ଟେମ୍ବର ୬ ଯାଏଁ ହରିୟାଣାରେ ବଢିଲା ଲକଡାଉନ ଅବଧି

ଚଣ୍ଡିଗଡ : ସେପ୍‌ଟେମ୍ବର ୬ ଯାଏଁ ହରିୟାଣାରେ ବଢିଛି ଲକଡାଉନ ଅବଧି । ଏନେଇ ହରିୟାଣା ସରକାର ଘୋଷଣା କରିଛନ୍ତି । ଦେଶରେ କରୋନା ସଂକ୍ରମଣ ଧିରେ ଧିରେ ହ୍ରାସ ପାଉଛି । ତେବେ ଏହି ନୂଆ ଗାଇଡଲାଇନ୍ ଅନୁସାରେ, କଟକଣାରେ କିଛିଟା କୋହଳ କରିଛନ୍ତି ରାଜ୍ୟ ସରକାର । ଲକଡାଉନ ସମୟରେ ହୋଟେଲ ସମେତ ରେଷ୍ଟୁରାଣ୍ଟ, ବାର ଗୁଡିକ ୫୦ ପ୍ରତିଶତ ବସିବା କ୍ଷମତା ସହିତ କାର୍ଯ୍ୟ କରିବ । ତା' ସହ ସ୍ପା, ଜିମ୍ ଓ ସିନେମା ହଲ୍ ଖୋଲିବାକୁ ଅନୁମତି ଦିଆଯାଇଛି । କିନ୍ତୁ ସେମାନଙ୍କୁ ଟିକାକରଣ ହୋଇଥିବା ନେଇ ନିଶ୍ଚିତ କରିବାକୁ ହେବ । କର୍ପୋରେଟ ଅଫିସରେ ଶତ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚାଲିବ । ତେବେ ବାହାଘର, ଶୁଦ୍ଧିକ୍ରିୟାରେ ୧୦୦ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକରେ ୨୦୦ ଲୋକଙ୍କୁ ନେଇ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିହେବ ।

ବାହାଘରରେ ପ୍ରୋସେସନ୍ କରିବା ମନା କରାଯାଇଛି ବୋଲି ସରକାରଙ୍କ ନିର୍ଦ୍ଦେଶାନାମାରେ ଦର୍ଶାଯାଇଛି ।

## କଂଟାବାଂଜିରେ ରେଳ ମନ୍ତ୍ରୀ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ୱାର୍କସପ, ମାଲଗାଡି ମରାମତି ୱାର୍କସପ, ମଲଟି ସ୍ପେସାଲିଷ୍ଟ ହସପିଟାଲ, ରହେନଭାଟ ଷ୍ଟେସନରେ ଏକ ବାଏ ପାସ ରେଳ ଟ୍ରେକ, କଂଟାବାଂଜି ଏଡିଇଏନ୍ ଅଫିସକୁ ଡିଇଏନ୍ ଅଫିସକୁ ଉନ୍ନିତ, ୱେଲଫେୟାର ଇନ୍ସପେକ୍ଟର ଅଫିସ ସ୍ଥାପନ, ଲିପ୍ଟ ଫୁଟ ଓଭର ବ୍ରିଜ, କସାମାଲ, ରେଙ୍ଗାଲି, ଝରଣି ମହୁଲବାହାଲି, ସରେଇବାହାଲ ଟଙ୍କପାଣିରେ ପ୍ୟାସେଞ୍ଜର ଟ୍ରେନ ହଲ୍ଟ, ନୂତନ କଂଟାବାଂଜି-ବଲାଙ୍ଗିର ରେଳ ଲାଇନ, କଂଟାବାଂଜି-ଜୟପୁର ରେଳ ଲାଇନ ନିର୍ମାଣ ପାଇଁ ଦାବୀ ଜଣାଇଥିବା ବେଳେ ବିଭିନ୍ନ ସଂଗଠନ ତରଫରୁ ମଧ ରେଳ ଷ୍ଟାଡିୟମର ଉନ୍ନତି କରଣ, ରେଳ ଇନଷ୍ଟିଚ୍ୟୁଟର ପୁନଃଉଦ୍ଧାର ଦାବୀ କରିଛନ୍ତି । ତେବେ ମନ୍ତ୍ରୀଙ୍କ ଗସ୍ତରେ ବିରୋଧ ହେବାର ସମ୍ଭାବନା ନେଇ କଂଟାବାଂଜି ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ମନ୍ତ୍ରୀ ଗଲା ପରେ ସେମାନଙ୍କୁ ଛାଡି ଦେଇଥିବା ଜଣାପଡିଛି ।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ

ବରଗଡ଼, (ନିପ୍ର) : ବରପାଲି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୯ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ତଥା ସମାଜ ଖବର କାଗଜର ପୂର୍ବତନ ସମ୍ପାଦକ ବାମାପଦ ତ୍ରିପାଠୀଙ୍କ ପୌରହିତ୍ୟ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ପ୍ରକୃତି ପ୍ରେମ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ପ୍ରଦୀପ ହୋତା ଯୋଗ ଦେଇ କବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟ ରଚନା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ବକ୍ତା ଭାବେ ଗଙ୍ଗାଧର ସାହିତ୍ୟର ଗବେଷକ ଡକ୍ଟର ରଘୁନାଥ ମେହେର ଯୋଗଦେଇ କବିଙ୍କ ସାହିତ୍ୟରେ ସାମାଜିକ ଦୃଶ୍ୟ ଉପରେ ଆଧାରିତ ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାରେ ଅଶୋକ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଲ କିଶୋର ଖାଡଙ୍ଗା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉତ୍ତର କୁମାର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଇସିଲାଟ ଠାରେ ଗଙ୍ଗାଧର ମେହେର ଜୟନ୍ତୀ : ଆଦର୍ଶ ଶବ୍ଦ ଚୟନ ହିଁ ମେହେର ସାହିତ୍ୟର ମାନବବାଦ ଆଦର୍ଶକୁ ପ୍ରମାଣିତ କରେ




ଗାଇସିଲାଟ, (ନିପ୍ର) : ଆଦର୍ଶ ଶବ୍ଦ ଚୟନ ମାଧ୍ୟମରେ ମାନବିକତାର ଆଦର୍ଶ ସାହିତ୍ୟରେ ପ୍ରକଟିତ ହୋଇଛି । ସାହିତ୍ୟର ଚରିତ୍ର ମାଧ୍ୟମରେ ସମାଜର ପ୍ରତ୍ୟେକ ଛବିକୁ ଚିତ୍ରଣ କରିବାରେ ସେ ଥିଲେ ବୁଦ୍ଧିମନ୍ତ, ଶୁଚିମନ୍ତ ବୋଲି ଗଙ୍ଗାଧର ସାହିତ୍ୟ ସଂସଦ ଗାଇସିଲେଟରେ ଆୟୋଜିତ ସଭାରେ ବକ୍ତା ମାନେ ମତପ୍ରକାଶ କରିଛନ୍ତି । ଗାଇସିଲାଟ ଶିଶୁମନ୍ଦିର ପ୍ରାଙ୍ଗଣରେ ଦିବାକର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବଣୁଆ, ପ୍ରାଧ୍ୟାପକ ମାନଭଞ୍ଜନ ପଧାନ ମୁଖ୍ୟବକ୍ତା ଅଧ୍ୟାପକ ଜୟକେତନ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ସୁଦର୍ଶନ ବାରିକ, ଇଶା ପୁରୋହିତ, ତୃପ୍ତି ସାହୁ ସ୍ୱଭାବ କବିଙ୍କ ରଚନାରୁ ସଂଗୀତ ପରିବେଷଣ କରିଥିଲେ । ଏଥିରେ କବି ରସିକ ଚନ୍ଦ୍ର ବେହେରାଙ୍କ ରଚିତ ଦୁଇଟି କବିତା ପୁସ୍ତକ 'ମଞ୍ଜମାୟା ଓ କର୍ମର ଫଳ' ଅତିଥି ମାନଙ୍କ ଦ୍ୱାରା ଉନ୍‌ମୋଚିତ ହୋଇଥିଲା । ମେହେର ସାହିତ୍ୟର ପ୍ରଚାରକ ବୃନ୍ଦାବନ ବିହାରୀ ଦାସ ଓ ସଂସଦର ସଦସ୍ୟ କାର୍ତ୍ତିକ ପାଣ୍ଡେଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ନବୀନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସହ ସମ୍ପାଦକ ପ୍ରଫୁଲ୍ଲ ଦଣ୍ଡସେନା ସଂସଦର ବୀବରଣୀ ପଠନ କରିଥିବା ବେଳେ ସମ୍ପାଦକ ରକ୍ଷଣ ଦିଶ୍ରୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରବୀନ୍ଦ୍ର ପଣ୍ଡା, ସୁରେଶ୍ୱର ଭୋଇ, ଅମ୍ବିକା ପ୍ରସାଦ ତ୍ରିବେଦୀ, ମୋହନ ରଣା, ମନୋରଞ୍ଜନ ପଧାନ, ଆନନ୍ଦ ସାହୁ, ବୈରାଗୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । କୋଭିଡ ନିୟମ ମାନି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ୨୦୦୨ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ

ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡିଆ ନୋଡାଲ ହାଇସ୍କୁଲର ୨୦୦୨ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରବିବାର ପବିତ୍ର ରକ୍ଷା ବନ୍ଧନ ଦିବସରେ ଏକ ବନ୍ଧୁମିଳନ ଉତ୍ସବ କଅଁଳପଡାର ମା' ବରାହୀ (ଖଣ୍ଡୁଆଳ) ପିଠସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଳନ ପର୍ବ ଉତ୍ସବରେ ସମସ୍ତ ପ୍ରକାର କୋଭିଡ ନିୟମ ପାଳନ କରି ଉକ୍ତ ବ୍ୟାଚର ୬୫ରୁ ଅଧିକ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାର ବର୍ଗ ଯୋଗ ଦେଇ ପାଠପଢା ବେଳର ପୁରୁଣା ସ୍ମୃତିକୁ ମନେପକାଇବା ସହ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ମୋ ସ୍କୁଲ ଅଭିଯାନରେ ସମସ୍ତେ ସାମିଲ ହୋଇ ବିଦ୍ୟାଳୟର ଅଭିବୃଦ୍ଧି ଓ ବିକାଶରେ ସହଭାଗିତା ହେବା ସହ ଆପଦ ବିପଦରେ ପରସ୍ପରକୁ ସହଯୋଗ, ସହାୟତା କରିବା ପାଇଁ ସର୍ବସମିତି କ୍ରମେ ନିଷ୍ପତି ହୋଇଥିଲା । ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାମନ୍ତରାୟ ଓ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ ଯୋଗ ଦେଇଥିବା ବେଳେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ସହପାଠୀ ଚିତ୍ରସେନ ରାଉତରାୟ, ମାନସ କୋଦମାସିଂହ, ସତ୍ୟଜିତ୍ ଭୁଜବଳ, ବିଶ୍ୱଭୂଷଣ ପରିଡା, ଗୀତା ବେହେରା, ଆଲୋକ ରଜଂନ ପରିଡା, ସାଗର ବେହେରା, ସୁଧୀର କୁମାର ଧାଉଡିଆ ପ୍ରମୁଖଙ୍କ ସହଯୋଗରେ ଏହି ମିଳନ ପର୍ବକୁ ସଫଳ କରାଯାଥିଲା ।

ଶେଷରେ ଚିତ୍ରସେନ ରାଉତରାୟ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଯୋଗୀମୁଣ୍ଡା ପଞ୍ଚାୟତ ଠକପଡା ମହିମା ମଠ ଠାରେ ନବାନ୍ନ ପର୍ବ ପାଳନ



ପାଟଣାଗଡ, (ନିପ୍ର) : ଶ୍ରାବଣ ପୂର୍ଣ୍ଣମା । ଏହି ଅବସରରେ ଯୋଗୀମୁଣ୍ଡା ପଞ୍ଚାୟତ ଠକପଡା ମହିମା ମଠ ଠାରେ ପ୍ରତିବର୍ଷ ପରି ଏ ବର୍ଷ ନବାନ୍ନ ପର୍ବ ପାଳନ ହୋଇଯାଇଛି । ବ୍ରହ୍ମ ଅବଧୂତ ଦେବରାଜ ବାବାଙ୍କ ତତ୍ୱାବଧାନରେ ଚର୍ତୁଦ୍ଦଶୀ ଦିନ ରାତ୍ରରୁ ଜଗତ ଭକତ ଉଦ୍ଧାର ଓ ବିଶ୍ୱର କଲ୍ୟାଣ ପାଇଁ ଅହରାତ୍ର ଘୃତାହୁତି କରାଯାଇ ପୂର୍ଣ୍ଣମା ଦିନ ସକାଳୁ ମହିମା ସାଧୁ ମାନେ ନବାନ୍ନ ଗ୍ରହଣ କରିଥିଲେ ।

ଏହି ଅବସରରେ ବିଭିନ୍ନ ଖଞ୍ଜଣି ଦଳ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ଏହି କାର୍ଯ୍ୟକ୍ରମକୁ ଠକପଡା ଭକ୍ତବୃନ୍ଦ ସହଯୋଗ କରିଥିଲେ ।

## ଏବିଭିପି ପକ୍ଷରୁ ରକ୍ଷାବନ୍ଧନ

ବଲାଙ୍ଗିର, (ନିପ୍ର) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାର୍ଥୀ ପରିଷଦର କର୍ଯ୍ୟକର୍ତାମାନେ ଦେଶକୁ ସୁରକ୍ଷା ଦେଉଥିବା ସିଆର୍‌ପିଏଫ୍ ଯବାନମାନଙ୍କୁ ପ୍ରଥମେ ଯାଇ ରାକ୍ଷୀ ବାନ୍ଧିଥିଲେ, ତା'ପରେ ସମାଜ ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁରକ୍ଷା ଦେଉଥିବା ଡାକ୍ତର ଓ ପୋଲିସ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧିବା ସହ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକ ଭାଇମାନଙ୍କୁ ମଧ୍ୟ ରାକ୍ଷୀ ବାନ୍ଧିଥିଲେ ଏବଂ ଅଧ୍ୟାପକ ଓ ଏବିଭିପିର ଶୁଭେଚ୍ଛୁମାନଙ୍କୁ ମଧ୍ୟ ରାକ୍ଷୀ ବନ୍ଧାଯାଇଥିଲା । ଆଜିର ଛାତ୍ରଛାତ୍ରୀମାନେ ପାଶ୍ଚାତ୍ୟ ପରମ୍ପରାକୁ ଅନୁକରଣ କରୁଥିବା ବେଳେ ବିଦ୍ୟାର୍ଥୀ ପରିଷଦ ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଆଖି ଆଗରେ ରଖି ରକ୍ଷା ବନ୍ଧନରେ ସମାଜ ଓ ଦେଶକୁ ସୁରକ୍ଷା ଦେଉଥିବା ବ୍ୟକ୍ତିଙ୍କୁ ନିଜ ଭାଇ ମାନି ରାକ୍ଷୀ ବାନ୍ଧିଛି । ଏହି କାର୍ଯ୍ୟକ୍ରମରେ ରିଙ୍କି ପୋଢ଼, ନିଲମ ପ୍ରଧାନ, କଳ୍ପନା ବ୍ୟାସ, ରୂପଲି ବ୍ୟାସ, ବିଶ୍ୱଜିତ ହୋତା, ଲଳିତ ଦାସ ଓ ରାଜ୍ୟ ସହସମ୍ପାଦକ ବିଜୟ କଲତା ଉପସ୍ଥିତ ଥିଲେ ।

## ଗଞ୍ଜାମ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଝୁଲଣ ଉତ୍ସବ



ଗଞ୍ଜାମ, (ନିପ୍ର) : ମନ୍ଦିର ମାଳିନୀ ଗଞ୍ଜାମ ସହରାଞ୍ଚଳରେ ବିଭିନ୍ନ ସାହି ମାନଙ୍କରେ ରହିଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିର ମାନଙ୍କରେ ଝୁଲଣ ଉତ୍ସବ ଆୟୋଜିତ ହୋଇଥିବା ଦେଖିବାକୁ ମିଳିଛି । ସହରରେ ରହିଥିବା ଶ୍ରୀ ଚୈତନ୍ୟ ମଠ, ଶ୍ରୀ ଜଗନ୍ନାଥ ମନ୍ଦିର ଓ ରାଉଳ ସାହିରେ ରହିଥିବା ମନ୍ଦିରରେ ଦଶମୀ ତିଥି ଠାରୁ ଝୁଲଣ ଉତ୍ସବର ଶୁଭାରମ୍ଭ ହୋଇ ଆଜି ଉଦଯାପିତ ହେବାକୁଥିବା ବେଳେ ଅନ୍ୟ ସମସ୍ତ ମନ୍ଦିର ମାନଙ୍କରେ ଗତ ଏକାଦଶୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମାରେ ଉଦଯାପିତ ହୋଇଛି । ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦୋଳିରେ ଝୁଲୁଥିବା ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା । ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଝୁଲଣ ଅବସରରେ ଶ୍ରଦ୍ଧାଳୁ ମାନେ ଠାକୁରଙ୍କ ଝୁଲଣ ଉତ୍ସବ ଦେଖିବା ସହ ଆଶୀର୍ବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ମନ୍ଦିର ମାନଙ୍କୁ ରଙ୍ଗବେରଙ୍ଗର ବିଜୁଳି ଆଲୋକରେ ସୁସଜ୍ଜିତ କରାଯାଇଥିଲା । ଯାହାକୁ ନେଇ ପ୍ରତ୍ୟେକ ମନ୍ଦିର ମାନଙ୍କରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସେହିପରି ଗଞ୍ଜାମ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ମାନଙ୍କରେ ରହିଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିର ମାନଙ୍କରେ ମଧ୍ୟ ଝୁଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ଶ୍ରାବଣ ପୂର୍ଣ୍ଣିମା ଅବସରରେ ଶୈବପୀଠରେ ଜଳାଭିଷେକ



ମ.ରାମପୁର, (ନିପ୍ର) : କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ବିଭିନ୍ନ ଶୈବପୀଠରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଅବସରରେ ପୂଜାର୍ଚ୍ଚନା ଚାଲିଥିବା ବେଳେ ମ.ରାମପୁର ବ୍ଲକ ଅନ୍ତର୍ଗତ ଟୁର୍ଚ୍ଛି ଗ୍ରାମବାସୀ ନିକଟସ୍ଥ ଉତେଇ ନଦୀରୁ ସାମାଜିକ ଦୂରତା ସହିତ ଧାଡି ବାନ୍ଧି ଜଣକ ପରେ ଜଣେ କରି ଶିବ ମନ୍ଦିରରେ ୧୦୮ଗରା ପାଣିରେ ଜଳାଭିଷେକ କରିଥିବା ଜଣାପଡିଛି । ଶ୍ରଦ୍ଧାଳୁମାନେ ନଦୀରୁ ମନ୍ଦିର ଯାଏଁ ଧାଡିରେ ଠିଆ ହେଇ ଏହି ଭକ୍ତିପୂତ ତଥା ପବିତ୍ର କାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା । ଠିକ୍ ସେହିପରି ପୂର୍ଣ୍ଣିମା ଅବସରରେ ସାଇଦଲଙ୍ଗା ଗ୍ରାମବାସୀ ତାଲିଜୋରଠାରୁ ଧାଡିରେ ଠିଆହେଇ ୧୦୮ଗରା ପାଣିରେ ଜଳାଭିଷେକ କରିଥିବା ଦେଖାଯାଇଛି ।

# ବଲାଙ୍ଗିର ପ୍ରତି ରେଳ ମନ୍ତ୍ରଣାଳୟ ବୈମାତୃକ ମନୋଭାବ ଆରୋପ କରି ଜନ ଆକ୍ରୋଶ ସମାବେଶରେ ଗର୍ଜିଲେ କଂଗ୍ରେସ ନେତା



ବଲାଙ୍ଗିର, (ନିପ୍ର) : ଜିଲ୍ଲା କଂଗ୍ରେସ କମିଟି ତରଫରୁ ଅନୁଷ୍ଠିତ ହୋଇଥିବା ଜନ ଆକ୍ରୋଶ ସମାବେଶରେ ରେଳ ମନ୍ତ୍ରୀଙ୍କୁ ଟାର୍ଗେଟ କରି ଗର୍ଜିଛନ୍ତି କଂଗ୍ରେସ ନେତାମାନେ । ଆରୋପ କରିଛନ୍ତି ଯେ, କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର କରିବାର ୭ ବର୍ଷ ବିତିଲା । ସେମାନେ ଦେଇଥିବା ଗୋଟିଏ ବି ପ୍ରତିଶ୍ରୁତି ପୂରଣ ହୋଇନାହିଁ । ତୈଳଦର ବୃଦ୍ଧି, କଳାକୃଷି ଆଇନ, ଦରଦାମ ବୃଦ୍ଧି, ଲାଭଜନକ ସରକାରୀ ଉଦ୍ୟୋଗର ଘରୋଇକରଣ, ରୋଜଗାର ସୃଷ୍ଟି କରିବାରେ ସରକାର ବିଫଳତା ଇତ୍ୟାଦି ସମସ୍ୟାରେ ସାରା ଦେଶର ଲୋକେ ଅତିଷ୍ଠ ହୋଇଗଲେଣି, କିନ୍ତୁ ନିଜର ଦୋଷ ଦୁର୍ବଳତାକୁ ଲୁଚେଇବା ପାଇଁ ଭାରତୀୟ ଜନତା ପାର୍ଟି ସରକାରରେ ଥିବା ବିଭିନ୍ନ ମନ୍ତ୍ରୀମାନଙ୍କୁ ବିଭିନ୍ନ ଅଂଚଳକୁ ନେଇ ଜନ ଆଶୀର୍ବାଦ ଯାତ୍ରା କରୁଛି, କିନ୍ତୁ ଦେଶର ଲୋକେ ଠିକ୍ ବୁଝି ଗଲେଣି । କେନ୍ଦ୍ର ସରକାରରେ ଥିବା ବିଭିନ୍ନ ମନ୍ତ୍ରୀ ଯେତେ ଆଶିର୍ବାଦ ଯାତ୍ରା କଲେ ମଧ ତାହା ନିଶ୍ଚିତ ଭାବେ ଜନ ଆକ୍ରୋଶରେ ହିଁ ପରିଣତ ହେବ ବୋଲି ଆଜି କେନ୍ଦ୍ରୀୟ ରେଳମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ ପୂର୍ବରୁ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଅନୁଷ୍ଠିତ ହୋଇଥିବା ଜନ ଆକ୍ରୋଶ ସମାବେଶରେ ଦଳର ଜିଲ୍ଲା ସଭାପତି ଦିଲିପ ବେହେରା ରେଳ ମନ୍ତ୍ରୀଙ୍କୁ ଟାର୍ଗେଟ କରି ନିଜର ବକ୍ତବ୍ୟ ରଖିଥିଲେ । ସେ ଆହୁରି ମଧ କହିଛନ୍ତି ଯେ, କରୋନା ମହାମାରୀର ପ୍ରଥମ ଓ ଦ୍ୱିତୀୟ ଲହର ଯୋଗୁଁ ତଥା ସରକାରଙ୍କ କରୋନା ବିରୁଦ୍ଧ ଲଢେଇର ଭୁଲ ପରିଚାଳନା ଯୋଗୁଁ ଦେଶର ଅନେକ ଲୋକ ନିଜର ଆତ୍ମୀୟ ସ୍ୱଜନଙ୍କୁ ହରାଇବା ସହ ସମଗ୍ର ଦେଶବାସୀ ଆର୍ଥିକ ସ୍ତରରେ ଅନେକ କ୍ଷତି ସହିଛନ୍ତି । ଏପରିକି ଖଟିଖିଆ ଦିନମଜୁରିଆ, କମ୍ ଆୟ କରୁଥିବା ଲୋକେ ଦୁଇ ବେଳା ଖାଇବା ପାଇଁ ପାଉ ନାହାନ୍ତି । ଏପରି ସ୍ଥଳେ ଭାରତୀୟ ଜନତା ପାର୍ଟିର ନେତାମାନେ ସରକାରୀ ପଇସାରେ ଜନ ଆଶିର୍ବାଦ ଯାତ୍ରା ଦେଶର କୋଟି କୋଟି ଗରିବ, ଖଟିଖିଆ, ସାଧାରଣ ଜନତାଙ୍କର ଅସହାୟତା ଉପରେ ଉପହାସ ବୋଲି ସେ ଆକ୍ଷେପ କରିଛନ୍ତି । ତେଣୁ ଏପରି ଆଶିର୍ବାଦ ଯାତ୍ରା ଏବଂ ଏହି ଯାତ୍ରାର ପୁରୋଧା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଶ୍ଚିତ ଭାବେ ବଲାଙ୍ଗିର ଜିଲ୍ଲାବାସୀଙ୍କର ଆକ୍ରୋଶର ଶିକାର ହେବେ ବୋଲି ସଭାପତି ଶ୍ରୀ ବେହେରା କହିଛନ୍ତି । ଆଜିର ଏହି ସମାବେଶ ଜିଲ୍ଲା କଂଗ୍ରେସ କମିଟିର ମୁଖପାତ୍ର ସାନନ୍ଦ ମିଶ୍ର ସଂଯୋଜନା କରିଥିବା ବେଳେ ଆକ୍ରୋଶ ସମାବେଶରେ ଉପସ୍ଥିତ ଥିବା ପିସିସି ସଂପାଦକ ଉମାଶଙ୍କର ପଣ୍ଡା, ସଂପାଦକ ଅଜୟ ବାଲି, ଜିଲ୍ଲା ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଉମାକାନ୍ତ ସାହୁ, ରାମଜୀ ଚୌଧୁରୀ, ମନମୋହନ ପଟେଲ, ସୋମନାଥ ପଟେଲ, ସେବାଦଳ ମୁଖ୍ୟ ଅସୀତ ମିଶ୍ର, ନଗର ସଭାପତି ବୁଲୁ ଦାନୀ, ଯୁବ ସଭାପତି ପ୍ରେମ ପ୍ରକାଶ ମିଶ୍ର, ଛାତ୍ର ସଭାପତି ଅଙ୍କିତ ସାହୁ, ବ୍ୟାସଦେବ ନନ୍ଦ, ରାମ ପ୍ରସାଦ ମିଶ୍ର, ଅରବିନ୍ଦ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୁଦ୍ଧରେ ବକ୍ତବ୍ୟ ରଖିଥିଲେ । ଏହା ସହ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ୫ଦଫା ଦାବୀ ଯଥା ବଲାଙ୍ଗିର-ଖୋର୍ଦ୍ଧା ରେଳପଥ ୨୦୨୩ ଭିତରେ ସମ୍ପୂର୍ଣ୍ଣ କରିବା, କଣ୍ଟାବାଞ୍ଜିରେ ଥିବା ରେଳ ବିଭାଗର ୭୦୦ଏକର ଜମିରେ ରେଳ ୱାଗନ ଫେକ୍ଟ୍ରି ନିର୍ମାଣ କରିବା, ବଲାଙ୍ଗିର ଭାୟା ପାଟଣାଗଡ ଦେଇ ନୂଆପଡା ଦେଇ ନୂତନ ରେଳ ଲାଇନ ବିଛାଇବା, ଟିଟିଲାଗଡରେ ଏକ ଅଟୋମେଟିକ୍ ରେଲୱେ ୱାସିଂ ପ୍ଲାଣ୍ଟର ସ୍ଥାପନ କରିବା ଏବଂ ବଲାଙ୍ଗିରରୁ ଦେଶର ରାଜଧାନୀ ଦିଲ୍ଲୀକୁ ଏକ ଏକ୍ସପ୍ରେସ ଟ୍ରେନ ଆରମ୍ଭ କରିବାକୁ ନେଇ ଏକ ଦାବୀପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି । ତା' ସହ ଏହା ପୂରଣ ନ ହେଲେ ଆଗାମୀ ଦିନରେ ବଲାଙ୍ଗିରବାସୀ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନଙ୍କୁ ଜିଲ୍ଲା ଭିତରେ ତୀବ୍ର ବିରୋଧ କରିବେ ବୋଲି କଂଗ୍ରେସ ଦଳ ତରଫରୁ ଚେତାବନୀ ଦିଆଯାଇଛି । ଅନ୍ୟମାନଙ୍କ ମଧରେ ମୀରା ମଣ୍ଡଳ, ବବିତା ସାହୁ, ଅନିତା ସେଠ, ବ୍ଲକ ଉପାଧକ୍ଷ ଯଶୋବନ୍ତୀ ବଘାର, ସବିତା ଶତପଥି, ପୂର୍ବ ବ୍ଲକ ଅଧକ୍ଷ ହୃଦାନନ୍ଦ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ଚନ୍ଦ୍ରମଣି ତ୍ରିପାଠି, କାନ୍ତେଶ୍ୱର ପ୍ରଧାନ, ଝୁପଲୁ ମହାନ୍ତି, ଟୁଲୁ ସେନ, ହରି ନନ୍ଦ, ଅଜିତ ମହାନନ୍ଦ, ଅଶ୍ୱିନୀ ସାହୁ, ଅଭିନାଶ ସାଏ, ଲୋପନ ମିଶ୍ର, ନାସିର ଖାନ, ସାଧୁ ମେହେର, ଅଖଣ୍ଡ ସେଠ, ଆର୍ତ୍ତ ଘିଭେଲା, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ମନବୋଧ ହରପାଲଙ୍କ ସମେତ ସହସ୍ରାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ସଂସ୍କୃତ ଭାରତୀ ଦ୍ୱାରା ବିଶ୍ୱ ସଂସ୍କୃତ ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ସଂସ୍କୃତର ପ୍ରଚାର କରି ନିତ୍ୟ ବ୍ୟବହାରରେ ଆଣିବା ପାଇଁ ସଂସ୍କୃତ ଭାରତୀ ଦ୍ୱାରା ସଂସ୍କୃତ ସମାରୋହର ଆୟୋଜନ ଗୁଗୁଲ୍ ମିଟ୍ ଦ୍ୱାରା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଓଡିଆ ତଥା କୋଶଲୀ ସିନେମା ଜଗତର ପ୍ରସିଦ୍ଧ ସଙ୍ଗୀତଜ୍ଞ ପଙ୍କଜ ଜାଲ ଯୋଗ ଦେଇ ଆଧୁନିକ ଯୁଗରେ ସଂସ୍କୃତର ଆବଶ୍ୟକତା ରହିଛି ବୋଲି ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡ. ସମ୍ପଦାନନ୍ଦ ମିଶ୍ର ହିତ ସଂସ୍କୃତ ଭାଷାରେ ନିହିତ ଏବଂ ସଂସ୍କୃତର ପୁନରୁଜ୍ଜୀବନ, ଭାରତୀୟ ସଂସ୍କୃତିର ପୁନରୁତ୍ଥାନ ଏବଂ ଭାରତର ପୁନରୁତ୍ଥାନ ନିମନ୍ତେ ପ୍ରୟାସ ଆମର ପରମ କର୍ତ୍ତବ୍ୟ ଅଟେ ଏବଂ ସଂସ୍କୃତ ଶିକ୍ଷା ହିଁ ଦିଗଭ୍ରଷ୍ଟ ସମାଜକୁ ନୀତିନିଷ୍ଟ ଓ ଶୃଙ୍ଖଳିତ କରି ପାରିବ ଏବଂ ନୈତିକ ତଥା ମୁଲ୍ୟବୋଧ ଶିକ୍ଷା ହିଁ ଏକ ସୁସ୍ଥ ସମାଜ ଗଠନର ଶ୍ରେଷ୍ଠ ଉପାଦାନ, ଛାତ୍ରଛାତ୍ରୀମାନେ କେବଳ ପୋଥିଗତ ବିଦ୍ୟା ସୀମିତ ନ ରହି ଆଚରଣ ଗତ ବ୍ୟବହାରିକ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ ସମାଜରେ କେବଳ ଶାନ୍ତି ଓ ମୈତ୍ରୀ ନୁହେଁ ସାର୍ବଜନୀନ ଭାବଧାରର ଅଭ୍ୟୁଦୟ ହୋଇପାରିବ ବୋଲି ମତପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ସଭା ସଂଚାଳନ ଶ୍ୱେତପଦ୍ମା ଷଡଙ୍ଗୀ, ଧ୍ୟେୟମନ୍ତ୍ରର ଉଚ୍ଚାରଣ ଅଲିସା ମିଶ୍ର, ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ବଲାଙ୍ଗିର ଜିଲ୍ଲାର ସଂଯୋଜକ ତଥା ଓଏଭି ଝରଣୀର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର, ବ୍ୟକ୍ତିଗତ ଗୀତ କାହ୍ନା ବାରିକ, ଉଦ୍ଦେଶ୍ୟ କଥନ ବଲାଙ୍ଗିର ମହିଳା ବିଦ୍ୟାଳୟର ଅଧ୍ୟାପକ ଅଜିତ କୁମାର ପଣ୍ଡା, ଅଧକ୍ଷ ଭାଷଣ ଡିଏଭି ମହାବିଦ୍ୟାଳୟ ଟିଟିଲାଗଡର ଡ. ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ ଚନ୍ଦନଭାଟୀ ଉଚ୍ଚ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଡ. ସତ୍ୟବ୍ରତ ମିଶ୍ର ଏବଂ ଶାନ୍ତିପାଠ ସରସ୍ୱତୀ ଶିଶୁ ମନ୍ଦିର କଂଟାବାଞ୍ଜି ସୁଜୁ ବଗର୍ତ୍ତି କରିଥିବା ବେଳେ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତାମାନେ ମଧ ବିଶେଷ ସହଯୋଗ କରିଥିଲେ ।






## କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ କେଶରୀୟା ହିନ୍ଦୁ ବାହିନୀର ୪ ଦଫା ଦାବୀପତ୍ର ପ୍ରଦାନ



ବଲାଙ୍ଗିର, (ନିପ୍ର) : କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଲାଙ୍ଗିର ଗସ୍ତ ସମୟରେ କେଶରୀୟା ହିନ୍ଦୁ ବାହିନୀ ବଲାଙ୍ଗିର ଜିଲ୍ଲା ତରଫରୁ ରାଜ୍ୟ ସଭାପତି ସନ୍ତୋଷ ଭୋଳଙ୍କ ନେତୃତ୍ୱରେ ଏକ ଟିମ୍ ସର୍କିଟ ହାଉସ ଠାରେ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ବଲାଙ୍ଗିର ଜିଲ୍ଲାର ରେଳ ବିଭାଗର ବିଭିନ୍ନ ସମସ୍ୟାକୁ ନେଇ ଏକ ୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଛି ।

ଏହି ଦାବୀପତ୍ରରେ ମୁଖ୍ୟତଃ ବଲାଙ୍ଗିର ଖୋର୍ଦ୍ଧା ରେଳ ଲାଇନ୍ କାମକୁ ତ୍ୱରାନ୍ୱିତ କରାଯିବା, କଣ୍ଟାବାଞ୍ଜି ଠାରେ ରେଳ ୱାଗନ କାରଖାନାର ପ୍ରତିଷ୍ଠା ଏବଂ ବଲାଙ୍ଗିରରୁ ସିଧାସଳଖ ଦିଲ୍ଲୀ ଓ ପ୍ରୟାଗରାଜ (ଏଲ୍ଲାବାଦ୍)କୁ ଟ୍ରେନ ଚଳାଚଳ ବିଷୟରେ ଉଲ୍ଲେଖ କରାଯାଇଥିବା ବେଳେ ଜିଲ୍ଲା ସଭାପତି ପ୍ରଦୀପ ତ୍ରିପାଠୀ, ଜିଲ୍ଲା ବରିଷ୍ଠ ଉପାଧକ୍ଷ ଶଙ୍କର୍ଷଣ ଆଚାର୍ଯ୍ୟ, ରାଜ୍ୟ କୋଷାଧକ୍ଷ ସୁଶୀଲ ସାହୁ, ଜିଲ୍ଲା ପ୍ରଭାରୀ ଶଙ୍କର୍ ଅଗ୍ରୱାଲ, ପ୍ରଦୀପ ସାହୁ, ପ୍ରଶାନ୍ତ ମିଶ୍ର, କବି ସାହୁ ସୈଳେନ୍ଦ୍ର ନାଏକ, ଜିଲ୍ଲା ସଚିବ ହରେକୃଷ୍ଣ ବେହେରା, ଲୋଇସିଂହା ବ୍ଲକ୍ ଉପସଭାପତି ନେପାଳ ଶା, ବ୍ଲକ୍ ସଂଗଠନ ମହାମନ୍ତ୍ରୀ ସୀତାରାମ ପ୍ରଧାନ, ସଇଁତଲା ବ୍ଲକ୍ ସଭାପତି ଚନ୍ଦ୍ରଭାନୁ ପ୍ରଧାନ, ଜିଲ୍ଲା ପ୍ରବକ୍ତା ଦେବାନନ୍ଦ ନାୟକ, ପ୍ରଶାନ୍ତ ସାହୁ, ରାଜୁ ନାଏକ ପ୍ରମୁଖ ଦାବୀପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ରେଳ ଉପଭୋକ୍ତା ସଂଘ ତରଫରୁ ରେଳ ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତ ସଂଘ ତରଫରୁ ସ୍ଥାନୀୟ ସର୍କିଟ ହାଉସ ଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ସଭାପତି ଧର୍ମବ୍ରତ ରଥ, ଉପସଭାପତି ପର୍ଶୁରାମ ନାୟକ, ସହସଂପାଦକ ପ୍ରଭାକର ମିଶ୍ର ତଥା କମିଟି ସଭ୍ୟ ପ୍ରଶନ୍ନ କୁମାର ମିଶ୍ର ଦାବୀପତ୍ର ପ୍ରଦାନ କରିଥିଲେ । ୨୦୨୨ ଶେଷ ସୁଦ୍ଧା ବଲାଙ୍ଗିର-ଖୋର୍ଦ୍ଧା ରୋଡ ରେଳପଥକୁ କାର୍ଯ୍ୟକ୍ଷମ କରିବା, ସମତା ଏକ୍ସପ୍ରେସ ସପ୍ତାହକୁ ଦୁଇ ଦିନ ବଲାଙ୍ଗିର-ବରଗଡ-ସମ୍ବଲପୁର ଦେଇ ଦିଲ୍ଲୀକୁ ଚଳାଚଳ କରିବା, ଜମ୍ମୁତାବି ଏକ୍ସପ୍ରେସକୁ ଟିଟିଲାଗଡ ପର୍ଯ୍ୟନ୍ତ ସଂପ୍ରସାରଣ କରିବା, ବିଛୁପାଲି-ବଲାଙ୍ଗିର ଟ୍ରେନକୁ ସକାଳେ ଭୁବନେଶ୍ୱର ପର୍ଯ୍ୟନ୍ତ ସଂପ୍ରସାରଣ କରିବା, ଲୋଇସିଂହା, ଦେଓଗାଁ ଷ୍ଟେସନରେ ଅଧିକ ଏକ୍ସପ୍ରେସ ଟ୍ରେନର ରହଣି ବ୍ୟବସ୍ଥା କରିବା, କଣ୍ଟାବାଞ୍ଜି-ନବରଂଗପୁର ନୂତନ ରେଳପଥ ନିର୍ମାଣ ତଥା ବଲାଙ୍ଗିର ଷ୍ଟେସନରେ ୱାସିଂ ଓ ୱାଟରିଂ ବ୍ୟବସ୍ଥା କରିବା ଇତ୍ୟାଦି ପ୍ରସ୍ତାବ ଦାବୀପତ୍ରରେ ସୂଚିତ କରାଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha

For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu